

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୬୪ ● ୧ ଅପ୍ରେଲ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-64 ● 1st April 2024, Monday ● Bhubaneswar | Licensed to post without pre-payment of postage No- BN-60/22-24


# ସମଗ୍ର ବିଶ୍ୱ ଭାରତକୁ ଆତ୍ମବିଶ୍ୱାସର ସହ ଦେଖୁଛି

**ନୂଆଦିଲ୍ଲୀ, ୩୧।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି, ୨୦୨୪ ନିର୍ବାଚନ କେବଳ ସରକାର ଗଠନ ନୁହେଁ ବରଂ ଏହା ଏକ ବିକଶିତ ଭାରତ ଗଠନ କରିବାର ସମୟ। ସେ କହିଛନ୍ତି, ୨୦୨୪ର ଆଦେଶ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୈତିକ ଶକ୍ତି ଯୋଗାଇବ । ମିରୁଟରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏଠାକାର ମାଟି ଚୌଧୁରୀ ଚରଣ ସିଂ ଜୀଙ୍କ ଭଳି ମହାନ ପୁତ୍ରମାନଙ୍କୁ ଦେଇଛି। ଆମ ସରକାର ତାଙ୍କୁ ଭାରତରତ୍ନ ପୁରସ୍କାର ପ୍ରଦାନ କରିବାର ସୌଭାଗ୍ୟ ପାଇଛନ୍ତି। ମୁଁ ଚୌଧୁରୀ ଚରଣ ସିଂ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଏହି ରାଲିରୁ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶରେ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ମିରୁଟ ବ୍ୟତୀତ ବାଘପାଟ୍, ବିଜନୋର, ମୁଜାଫରନଗର ଏବଂ କୈରାନା ଲୋକସଭା ନିର୍ବାଚନ ମଣ୍ଡଳୀରୁ ମଧ୍ୟ ପ୍ରଧାନମନ୍ତ୍ରୀ ଏହି ସମାବେଶରେ ଭାଗ ନେଇଥିଲେ।



# ଦୁର୍ନୀତିଗ୍ରସ୍ତଙ୍କ ଉପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ହେବ : ମୋଦି

**ନୂଆଦିଲ୍ଲୀ, ୩୧।୩**

ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିରଟରୁ ନିଜର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ମୋଦି ମିରଟରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଥିଲେ ଏବଂ ମଞ୍ଚରୁ ବିରୋଧୀଙ୍କୁ କଡ଼ା ଟାର୍ଗେଟ କରିଥିଲେ।

ଶ୍ରୀ ମୋଦି କହିଛନ୍ତି ଯେ କଂଗ୍ରେସ ଏବଂ ଇଣ୍ଡିଆ ଆଲାଏନ୍ସ ମିଳିତ ଭାବେ ଦେଶର ଏକତା ଏବଂ ଅଖଣ୍ଡତାକୁ ଭାଙ୍ଗିବାରେ ଲାଗିଛନ୍ତି ଏବଂ ଆଜି ପୁଣି ଥରେ ସେମାନଙ୍କର ନୂଆ କାର୍ଯ୍ୟ ସାମ୍ନାକୁ ଆସିଛି। ସେ କହିଛନ୍ତି, ମିରଟ ସହ ମୋର ଏକ ସ୍ୱତନ୍ତ୍ର ସମ୍ପର୍କ ରହିଛି । ମୁଁ ୨୦୧୪ ଏବଂ ୨୦୧୯ (ଲୋକସଭା) ନିର୍ବାଚନ ପାଇଁ ମୋର ନିର୍ବାଚନ ପ୍ରଚାର ମିରଟରୁ ହିଁ ଆରମ୍ଭ କରିଥିଲି ଏବଂ ବର୍ତ୍ତମାନ, ୨୦୨୪ ନିର୍ବାଚନ ପାଇଁ ପ୍ରଥମ ରାଲି ମଧ୍ୟ ମିରଟରେ ଅନୁଷ୍ଠିତ ହେଉଛି । ୨୦୨୪ ଲୋକସଭା ନିର୍ବାଚନ ସରକାର ଚୟନ *(ପୃଷ୍ଠା ୭ରେ)*



## ଭୁବନେଶ୍ୱରରେ ହିଟ୍ ଆଣ୍ଡ ରନ ମାମଲା: ଚା ଦୋକାନୀଙ୍କ ଉପରେ ଚଢ଼ିଗଲା ଦାମୀ କାର୍

**ଭୁବନେଶ୍ୱର, ୩୧।୩**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ରବିବାର ହିଟ୍ ଆଣ୍ଡ ରନ ମାମଲା ଦେଖିବାକୁ ମିଳିଛି। ସହିଦନଗର ଥାନା ପଣ୍ଡାପାର୍କ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଜଣେ ଚା ଦୋକାନୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଯାଜପୁର ବିଞ୍ଝାରପୁରର ଦିଲୀପ ପରିଡ଼ା। ସୂଚନା ଅନୁସାରେ ଦିଲୀପ ନିଜ ଚା ଦୋକାନ ସମ୍ମୁଖରେ ସଫା କରୁଥିଲେ। ଏହି ସମୟରେ ଏକ ଦାମୀ କାର (ଓଡି ୩୩ଏକେ-୬୮୮୮) *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ଆଗକୁ ଦିନ ସହ ଅସମ୍ଭାଳ କରିବ ରାତିର ତାତି

**ଭୁବନେଶ୍ୱର, ୩୧।୩**
**ନ୍ୟୁଜ୍ ବ୍ୟୁରୋ**

ସାବଧାନ। ଆଗକୁ ଆସୁଛି ଉଷ୍ମ ରାତି। ଦିନ ସହ ଅସମ୍ଭାଳ କରିବ ରାତିର ତାତି । ୩ ଦିନ ପାଇଁ ଆଭ୍ୟନ୍ତରୀଣ ଓଡ଼ିଶାର ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏପ୍ରିଲ ୨, ୩ ଏବଂ ୪ ତାରିଖରେ ଜଳିବ ଆଭ୍ୟନ୍ତରୀଣ ଓଡ଼ିଶା । ଦିନର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ ହେବା ସହ ରାତ୍ରୀର ତାପମାତ୍ରା ବି ସ୍ୱାଭାବିକ ଠାରୁ ୫ ରୁ ୬ ଡିଗ୍ରୀ ଉପରେ ରହିବ। ଫଳରେ ସୃଷ୍ଟି ହେବ ଅସମ୍ଭାଳ ସ୍ଥିତି। ଘୂର୍ଣ୍ଣିବଳୟ ଏବଂ ନିମ୍ନ ଚାପରେଖା ପ୍ରଭାବରେ ରବିବାର ରାଜ୍ୟର ଅଧିକାଂଶ ସହରରେ ହାଲୁକା ବର୍ଷା ହୋଇଛି। ସୋମବାରଠାରୁ ତାତି ପୁଣି ବଢ଼ିବ। ବିଶେଷ କରି ସୋନପୁର, ବଲାଙ୍ଗିର, ବୌଦ୍ଧ, ସମ୍ବଲପୁର, ବରଗଡ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ନୟାଗଡ, ଖୋର୍ଦ୍ଧା ଏବଂ ଗଜପତିରେ ତାତି ୪୦ ଡିଗ୍ରୀ ରହିପାରେ। ୬ ଏବଂ ୭ ତାରିଖ ବେଳକୁ ପୁଣି ପଶ୍ଚିମା ଝଡ ପ୍ରଭାବରେ ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷା ସହ କିଛି ସ୍ଥାନରେ ଘଡଘଡି ବିଜୁଳି ସହ ବର୍ଷା ନେଇ ଆକଳନ କରାଯାଇଛି।



# ଘରକୁ ଯାଇ ଆଡଭାନୀଙ୍କୁ ଭାରତ ରତ୍ନରେ ସମ୍ମାନିତ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୩୧।୩**

ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ ହେଲେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ। ତାଙ୍କ ବାସଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଏହି ସମୟରେ ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ।

ଆଡଭାନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରାଷ୍ଟ୍ରପତି ନିଜେ ତାଙ୍କ ଘରକୁ ଯାଇ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି। ଫେବୃୟାରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଭାରତ ରତ୍ନ ଦେବା ପାଇଁ ଘୋଷଣା କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତଥା ବିଜେପିର ସଂସ୍ଥାପକ ନାନା ଜୀ ଦେଶମୁଖଙ୍କ ପରେ ଏହି ସମ୍ମାନ ପାଇବାରେ ଆଡଭାନୀ ହେଉଛନ୍ତି ବିଜେପି ଏବଂ ଆରଏସଏସ ସହ ଜଡିତ ତୃତୀୟ ନେତା।

ଶନିବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୪ ଜଣ ବ୍ୟକ୍ତି ବିଶେଷଙ୍କୁ ମରଣୋତ୍ତର ଭାରତ *(ପୃଷ୍ଠା ୭ରେ)*



## ଏକାଳ ସକାଳ



ସକାଳୁ ସ୍କୁଲ ପିଲାଏ ଭାବନ୍ତି
ଆସିଗଲା ଭଲ ବେଳ
ଫେରିକି ସିଧା ଖାଇପିଇ ଦେଇ
ଦେଖିବା କ୍ରିକେଟ ଖେଳ
ବାପ ମା'ଙ୍କର ବୁହେ ଝାଳ
ବୁଝେଇ ବୁଝେଇ ମା' ଝଡିଯାନ୍ତି
ବାପର ଝଡଇ ବାଳ।

# କୌଣସି ସରକାରୀ କାର୍ଯ୍ୟକ୍ରମରେ ବ୍ୟବହାର ହେବ ନାହିଁ ରେଡ୍ କାର୍ପେଟ



**ଇସଲାମାବାଦ, ୩୧।୩**

ପାକିସ୍ତାନର ଆର୍ଥିକ ସଙ୍କଟ କାହାଠାରୁ ଲୁଚି ନାହିଁ । ପ୍ରତିଦିନ ସେ ଦାରିଦ୍ର୍ୟର ଯନ୍ତ୍ରଣା ବର୍ଣ୍ଣନା କରି ଆଇଏମଏଫ ସାମ୍ନାରେ ହାତ ପାତୁଛି। ବର୍ତ୍ତମାନ ପଡୋଶୀ ଦେଶ ଏତେ ଖରାପ ସମୟରେ ପହଞ୍ଚିଛି ଯେ ସରକାରୀ କାର୍ଯ୍ୟକ୍ରମରେ ବ୍ୟବହୃତ ରେଡ କାର୍ପେଟକୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ଦେଶରେ ଅନାବଶ୍ୟକ ଖର୍ଚ୍ଚ ହ୍ରାସ କରିବାକୁ ଏହି ପଦକ୍ଷେପ ନେଇଛନ୍ତି। ଏହା ଅଧୀନରେ ସରକାରୀ କାର୍ଯ୍ୟକ୍ରମରେ ନାଲି କାର୍ପେଟର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି ଏବଂ ସେଗୁଡିକ କେବଳ ରାଜନୈତିକ ସ୍ୱାଗତ ପାଇଁ ସଂରକ୍ଷିତ କରାଯାଇଛି।

ସରକାରୀ କାର୍ଯ୍ୟରେ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଅଧିକାରୀଙ୍କ ଗସ୍ତ ସମୟରେ ରେଡ କାର୍ପେଟର ବ୍ୟବହାରକୁ ନେଇ ସରିଫ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

କ୍ୟାବିନେଟ ଡିଭିଜନ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ଭବିଷ୍ୟତରେ ସରକାରୀ କାର୍ଯ୍ୟକ୍ରମରେ ରେଡ କାର୍ପେଟ କେନ୍ଦ୍ର ମନ୍ତ୍ରୀ ତଥା ସରକାରୀ କର୍ମଚାରୀଙ୍କ ପାଇଁ ବ୍ୟବହାର କରାଯିବ ନାହିଁ । ଏକ ରିପୋର୍ଟ ଅନୁଯାୟୀ, ଏହାକୁ କେବଳ ବିଦେଶୀ କୂଟନୀତିଜ୍ଞଙ୍କ ପାଇଁ ପ୍ରୋଟୋକଲ ଭାବରେ ବ୍ୟବହାର କରାଯାଇପାରିବ। ଲାଲ କାର୍ପେଟର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସରକାରଙ୍କ ଉଦ୍ଦେଶ୍ୟ ଅର୍ଥ ସଞ୍ଚୟ କରିବା ଏବଂ ସାଧାରଣ ଆର୍ଥିକ ଦିଗପ୍ରତି ଅଧିକ ଦାୟିତ୍ୱବାନ ତଥା ଚତୁର ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ବୋଲି କୁହାଯାଉଛି।

# ଜାତୀୟ ରାଜନୀତିରେ ଚାଲିଛି ମ୍ୟାଚ ଫିକ୍ସିଂ: ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୩୧।୩**

ଜାତୀୟ ରାଜନୀତିରେ ଚାଲିଛି ମ୍ୟାଚ ଫିକ୍ସିଂ। ଜାଲିଆତି କରି ନିର୍ବାଚନ ବିଜୟ ଲାଗି ଆଶା ବାନ୍ଧିଛି ବିଜେପି । ଦେଶର ସବୁଠାରୁ ବଡ ଦଳ କଂଗ୍ରେସର ଆକାଉଣ୍ଟ ବନ୍ଦ କରିଦିଆଯାଇଛି। ଟଙ୍କା ବଳରେ ସରକାର ଭାଙ୍ଗିଦିଆଯାଉଛି। ନେତାଙ୍କୁ ଜେଲରେ ଭର୍ତ୍ତି କରାଯାଉଛି । ମାତ୍ର ହିନ୍ଦୁସ୍ତାନର ସ୍ୱରକୁ କେହି ଦବାଇ ପାରିବେ ନାହିଁ ବୋଲି କହିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ଲୋକତନ୍ତ୍ର ବଞ୍ଚାଅ ରାଲିରେ ଦେଶରେ ଗଣତନ୍ତ୍ରର ସୁରକ୍ଷା ଲାଗି ଆହ୍ୱାନ ଦେଇଛନ୍ତି ଇଣ୍ଡିଆ ମେଣ୍ଟ ସଦସ୍ୟ। ରାଲିରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାର୍ତ୍ତା ପାଠ କରିଥିଲେ ପତ୍ନୀ ସୁନୀତା। ଏହି ଅବସରରେ ସୁନୀତା ଦେଇଥିଲେ ୬ ଗ୍ୟାରେଣ୍ଟି। ତାହା ହେଲା ସାରା ଦେଶରେ ବିଦ୍ୟୁତ କାଟ ହେବ ନାହିଁ, ଦେଶର ଗରିବଙ୍କୁ *(ପୃଷ୍ଠା ୭ରେ)*



## ପୁଣି ନକ୍ସଲ ହିଂସା: ୪ ଟ୍ରକ୍‌କୁ ନିଆଁ ଲଗାଇ ପୋଡ଼ିଦେଲେ

**ମାଲକାନଗିରି, ୩୧।୩**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଶନିବାର ବିଳମ୍ବିତ ରାତିରେ ନାରାୟଣପୁର ଜିଲ୍ଲାର ଛୋଟେଡଙ୍ଗର*(ପୃଷ୍ଠା ୭ରେ)*


DADLS-105






ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ -୨୦୨୪ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

OIPR : 15001/13/0923/2324


# ଟ୍ରମ୍ପଙ୍କ ଭିଡିଓକୁ ନେଇ ବିବାଦ, ଭର୍ତ୍ସନା କଲେ ବାଇଡେନ



**ୱାଶିଂଟନ, ୩୧।୩**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେୟାର କରିଥିବା ଏକ ଭିଡିଓକୁ ନେଇ ଏବେ ବିବାଦ ଦେଖାଦେଇଛି । ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ଫଟୋ କରିଥିବା ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ରାଷ୍ଟ୍ରପତି ବାଇଡେନଙ୍କ ହାତ ଓ ପାଦ ବନ୍ଧା ହୋଇଥିବା ଦେଖାଯାଇଛି। ଏନ୍‌ୱାଇପିଡି ଅଧିକାରୀ ଜୋନାଥନ ଡିଲରଙ୍କ ଉପସ୍ଥିତିରେ ଲଙ୍ଗ ଦ୍ୱୀପରେ ଏହି ଫୁଟେଜ କଏଦ ହୋଇଥିବା ଟ୍ରମ୍ପ କହିଛନ୍ତି । ଏହି ଭିଡିଓରେ ଟ୍ରମ୍ପଙ୍କୁ ସମର୍ଥନ ଜଣାଇଥିବା ଦୁଇଟି ଟ୍ରକ ଦେଖାଯାଇଛି, ଯେଉଁଥିରେ ବାଇଡେନଙ୍କ ହାତ ଏବଂ ଗୋଡରେ ବନ୍ଧା ହୋଇଥିବା ଫଟୋ ଟ୍ରକ ପଛରେ ଦେଖାଯାଇଛି। ଏଥି ସହିତ ବାଇଡେନଙ୍କ ଅଭିଯାନ ମୁଖପାତ୍ର ମାଇକେଲ ଟାଇଲର କହିଛନ୍ତି, ଟ୍ରମ୍ପଙ୍କ ଦ୍ୱାରା ଶେୟାର କରାଯାଇଥିବା ଏହି ପୋଷ୍ଟ ହାସ୍ୟାସ୍ପଦ । ଏହି ପୋଷ୍ଟଟି ରକ୍ତଦାନ ପାଇଁ ଡାକିବା ପରି ଟ୍ରମ୍ପ ନିୟମିତ ଭାବେ ରାଜନୈତିକ ହିଂସାକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ସମୟ ଆସିଛି ଲୋକମାନେ ତାଙ୍କୁ ଗମ୍ଭୀରତାର ସହିତ ମଧ୍ୟ ନେଇଛନ୍ତି।





# ମା'ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୨୭ ଲକ୍ଷ

**ଘଟଗାଁ, ନ୍ୟୁଜ ବ୍ୟୁରୋ**



ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ଦେବୋତ୍ତର ବିଭାଗର ଡିଭିଜନାଲ ଇନ୍‌ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ଶ୍ରୀନିବାସ ବେହେରା, ନଳିନୀ ମହାନ୍ତ ଓ ମଦନ ମୋହନ ପୂର୍ତ୍ତିଙ୍କ ଉପସ୍ଥିତରେ ୧୩ଟି ହୁଣ୍ଡି ଖୋଲା ଯାଇଥିଲା।
ମନ୍ଦିର କର୍ମଚାରୀ ଅବନି ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖୀ, ଚନ୍ଦନ ବେହେରା, ପୀତାମ୍ବର ଗିରି, ଚକ୍ରଧର ନାଏକ, ନାରାୟଣ ମୁଖୀ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ। ହୁଣ୍ଡିରୁ ୨୭ ଲକ୍ଷ ୯୦ ହଜାର ୭୭୯ଟଙ୍କା, ୧୪୪ ଗ୍ରାମ ୧୭୦ ମିଲିଗ୍ରାମ ସୁନା, ୧ କେଜି ୮୮୫ ଗ୍ରାମ ୫୦୦ ମିଲିଗ୍ରାମ ରୁପା ମିଳିଛି।

# ପଦ୍ମପୁରରେ ଓଡ଼ିଶା ପ୍ରାନ୍ତୀୟ ମୁନି ସମାଜର ବାର୍ଷିକ ଅଧିବେଶନ

**ଘଟଗାଁ, ନ୍ୟୁଜ ବ୍ୟୁରୋ**

ଯୋଗ ଦ୍ୱାରା ରୋଗ ଏବଂ ମାନସିକ, ଶାରୀରିକ, ଆଧ୍ୟାତ୍ମିକ ବିକାଶ ହୋଇପାରିବ ବୋଲି ଅଖିଳ ଭୂମଣ୍ଡଳ ସର୍ବଶିରୋମଣୀ ମୁନି ସମାଜର ଓଡିଶା ପ୍ରାନ୍ତୀୟ ଅଧିବେଶନରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଆନନ୍ଦପୁର ସ୍ଥିତ ପଦ୍ମପୁର ଠାରେ ଅନୁଷ୍ଠିତ ତିନି ଦିନ ଧରି କାର୍ଯ୍ୟକ୍ରମକୁ ଓଡିଶା ଅଧକ୍ଷ ଯେଗାଚାର୍ଯ୍ୟ ବ୍ରହ୍ମଜ୍ଞାନୀ ଲୋକନାଥ ମୁନି ସଂଯୋଜନା କରିଥିବା ବେଳେ ସର୍ବଭାରତୀୟ ମୁନିରାଜ୍ଞୀ ବିଶ୍ୱ ମାଧୁରୀ ବେଦୀ ସହିତ ବହୁ ବରିଷ୍ଠ ମୁନି ସମାଜର ଦେବୀ, ପ୍ରହ୍ଲାଦ ମୁନୀ ଯୋଗଦେଇ ଥିଲେ ।

# ବଉଳିଲାନି ୭୦% ଆମ୍ବଗଛ: କମିବ ଉତ୍ପାଦନ, ଚିନ୍ତାରେ ଆମ୍ବଚାଷୀ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

'ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ।' ପିଢ଼ି ପରେ ପିଢ଼ି ଏହାକୁ ପଢ଼ି ଆସିଥିଲା ବେଳେ ଏବେ ଏହା ବଦଳିଯାଇଛି। ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଋତୁଚକ୍ରକୁ ପ୍ରଭାବିତ କରିଛି। ଯାହା ଫଳରେ ଫଗୁଣ ଯାଇ ଚୈତ୍ର ମାସ ଆରମ୍ଭ ହେଲା ପଛେ ଅନୁଗୁଳ ଜିଲ୍ଲାର ୭୦ ପ୍ରତିଶତ ଆମ୍ବଗଛରେ ବଉଳ ଧରିଲାନି। ଯାହାଦ୍ୱାରା ଚଳିତବର୍ଷ ଆମ୍ବ ଉତ୍ପାଦନ ପ୍ରଭାବିତ ହେବା ସ୍ପଷ୍ଟ ହୋଇ ଯାଇଛି। ଆମ୍ବ ଗଛରେ ବଉଳ ନ ଆସିବା ଯୋଗୁଁ ଆମ୍ବଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାଘ ମାସ ଅଧାରୁ ଆମ୍ବ ଗଛରେ ବଉଳ ଧରିବା ଆରମ୍ଭ ହୋଇଥାଏ। ପାଗ ଭଲ ଥିଲେ ମାଘ ଆରମ୍ଭରୁ ବଉଳ ଆସିଯାଏ। ଫାଲ୍‌ଗୁନ ମାସ ବେଳକୁ ପ୍ରାୟ ୯୦ ପ୍ରତିଶତ ଗଛରେ ବଉଳ ଆସି ସାରିଥାଏ। କିନ୍ତୁ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଏଥର ମାଘ ତ ଦୂର କଥା ଫାଲଗୁନ ମାସ ସରିଗଲା ପଛେ ୩୦ ପ୍ରତିଶତ ଗଛରେ ବଉଳ ଆସିପାରିଲା ନାହିଁ। ଉଦ୍ୟାନକୃଷି ବିଭାଗର କହିବା କଥା, ଜାନୁଆରିରୁ ମାର୍ଚ୍ଚ ମାସ ଭିତରେ ବଉଳ ଆସିଯାଏ କିନ୍ତୁ ଚଳିତବର୍ଷ ଜଳବାୟୁ ପରିବର୍ତ୍ତନର ସାଂଘାତିକ ପ୍ରଭାବ ଦେଖାଦେଇଛି। ଯାହାଦ୍ୱାରା ଏ ପର୍ଯ୍ୟନ୍ତ ୭୦ପ୍ରତିଶତ ଗଛରେ ବଉଳ ନାହିଁ। ଯେଉଁ କିଛି ଗଛରେ ବଉଳ ଆସିଥିଲା, ଗତ କିଛିଦିନ ତଳେ ହୋଇଥିବା ଅଦିନିଆ ବର୍ଷାରେ ତାହା ବି ପ୍ରଭାବିତ ହୋଇଛି। ୩୦ପ୍ରତିଶତ ବଉଳରୁ



ଅଧା ଝଡ଼ି ପଡ଼ିଛି। ଯେତିକି ରହିଛି ସେଥିରେ ଫିମ୍ପି ଲାଗି କଳା ପଡ଼ିଯାଇଛି। ସେଗୁଡ଼ିକରେ ଫଳ ଆସିବା ସମ୍ଭାବନା କ୍ଷୀଣ। ଗତ ୩୦ବର୍ଷ ଭିତରେ ଏଭଳି କେବେ ହୋଇନଥିଲା ବୋଲି ଜଣେ ବରିଷ୍ଠ ଉଦ୍ୟାନକୃଷି ଅଧିକାରୀ କହିଛନ୍ତି।
ଅନ୍ୟପଟେ ଅନୁଗୁଳ ଜିଲ୍ଲାରେ ମୋଟ୍ ୯,୩୯୧ ହେକ୍ଟର ଜମିରେ ଆମ୍ବ ଗଛ ରହିଛି। ସେଥିମଧ୍ୟରୁ ୯,୨୮୦ଟି ଫଳନ୍ତି ଗଛ ରହିଛି। ସମଗ୍ର ଜିଲ୍ଲାରୁ ପ୍ରତିବର୍ଷ ୩୩,୭୯୧ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହେଉଥିଲା ବେଳେ ହେକ୍ଟର ପିଛା ୩.୬୪ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଥାଏ। ଗତ ୨ବର୍ଷ ହେବ ଅନୁଗୁଳ ଜିଲ୍ଲାରେ ଅଧିକ ପରିମାଣରେ ଆମ୍ବ ଉତ୍ପାଦନ ହୋଇ ଦିଲ୍ଲୀ, ମୁମ୍ବାଇ, ପୁଣେ, ବାଙ୍ଗାଲୁରୁ ଭଳି ସହରକୁ ରପ୍ତାନି ହୋଇଥିଲା। ଏଠାରେ ଆମ୍ରପଲ୍ଲୀ, ମଲ୍ଲିକା, ଦଶରି, ଲେଙ୍ଗଡ଼ା, ଗୁଲାବଖାସ୍ ଓ ରତ୍ନଗିରି ଭଳି ବିଭିନ୍ନ ପ୍ରକାରର ଦେଶୀ ଆମ୍ବ ଉତ୍ପାଦିତ ହୋଇଥାଏ। ଏପରିକି ଚଳିତବର୍ଷରେ ଅନୁଗୁଳ ଜିଲ୍ଲାର ୪ଟି ସବ୍‌ଡିଭିଜନ୍‌ରେ ମୋଟ୍ ୨୩୦ ହେକ୍ଟରର ଆମ୍ବ ଚାଷ ପାଇଁ ଉଦ୍ୟାନକୃଷି ବିଭାଗ ପ୍ରସ୍ତୁତି କରିଛି। କିନ୍ତୁ ଜଳବାୟୁ ପରିବର୍ତ୍ତନ, କୁହୁଡ଼ି, ଅଦିନିଆ ବର୍ଷା ଓ ପ୍ରଦୂଷଣର ପ୍ରଭାବରେ ୭୦ପ୍ରତିଶତ ଗଛରେ ଆମ୍ବ ବଉଳ ନ ଆସିବା ଆଶ୍ଚର୍ଯ୍ୟ କରିଛି।

# ଏପ୍ରିଲ ୧୧ରୁ ବିରୁଳିଗଡ ଦଣ୍ଡନାଚ ଆରମ୍ଭ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ରମ୍ଭା ପାନ୍ଥ ନିବାସ ପୂଜା କମିଟିର ଦଣ୍ଡ ନାଚ ପ୍ରସ୍ତୁତି ବୈଠକ ପ୍ରାକ୍ତନ ଓଡ଼ିଆ ଅଧ୍ୟାପକ ଡ଼ଃ ବିଜୟ। ନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଚଳିତ ବର୍ଷ କମିଟି ବୈଠକରେ ଏପ୍ରିଲ ମାସ ୧୧ରିଖ ବିରୁଳିଗଡ଼ ଦଣ୍ଡ ନାଚ ଅନୁଷ୍ଠିତ ହେବା ପାଇଁ କମିଟି ପକ୍ଷରୁ ସ୍ଥିରୀକୃତ କରାଯାଇଛି। ତତ୍ ସହିତ ପ୍ରତିବର୍ଷ ଭିନ୍ନ ଭିନ୍ନ ଦଣ୍ଡନାଚକୁ ନେଇ ମଞ୍ଚସ୍ଥ କରିବା ପାଇଁ ବୈଠକରେ ସଭ୍ୟ / ସଭ୍ୟାଙ୍କ ଉପସ୍ଥିତରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପରୋକ୍ତ ବୈଠକରେ ଉପଦେଷ୍ଟା ବିଜୟ ଦାସ, କୋଷାଧକ୍ଷ ପ୍ରଶାନ୍ତ କୁମାର ସେଠୀ, ଆବାହକ ତଥା କାଉନସିଲର କ୍ଷେତ୍ର ମୋହନ ବେହେରା, ଗୀତାଞ୍ଜଳି ପଟ୍ଟନାୟକ, ରାଜେଶ ବାଜାଜ, ଗୁପ୍ତେଶ୍ୱର ସେଠୀ, ବଳରାମ ବେହେରା, କାହ୍ନୁ ଚରଣ ମହାପାତ୍ର, ଭାଗିରଥି ବେହେରା, କାଳିଆ ବେହେରା, ଡାକ, ପୂର୍ଣ୍ଣ, ସୂର୍ଯ୍ୟ, ଶଙ୍କର, ବାବୁ, ଆଦିତ୍ୟ, ମିଥୁନ, ଶିବ, ଚନ୍ଦନ, କାଳିଆ ମହାରଣା, ଜୀବନ, ବିଷ୍ଣୁ, ଦୁର୍ଗା, ଅଜିତ, ଚିକୁ, ପ୍ରମୁଖ ସମସ୍ତ ସଦସ୍ୟ/ ସଦସ୍ୟା ସାମିଲ ହୋଇଥିଲେ।

# ଚୋରା ଚାଲାଣ ବେଳେ ମିଳିଲା ୯ କେଜି ସୁନା: ମଙ୍ଗୁଳିରେ କାର୍ ଧରାପଡ଼ିଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ରାଜପଥ ଦେଇ ଚୋରାରେ ବିପୁଳ ସୁନା ଚାଲାଣ କରୁଥିବା ଏକ ରାକେଟ୍‌ର ଦୁଇ ଜଣ ଧରାପଡ଼ିଛନ୍ତି। ୧୬ ନମ୍ବର ଜାତୀୟ ରାଜପଥରେ କଟକ ମଙ୍ଗୁଳି ଟୋଲ୍ ଗେଟ୍ ନିକଟରୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଏହି ଦୁଇ ବଙ୍ଗୀୟ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କ କାରରୁ ମିଳିଛି ୯ କେଜି ସୁନା ବିସ୍କୁଟ। ଜବତ ସୁନାର ବଜାର ମୂଲ୍ୟ ୬.୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏହି ବିପୁଳ ପରିମାଣର ସୁନା କୋଲକାତାରୁ ଦକ୍ଷିଣ ଭାରତକୁ ଚାଲାଣ କରାଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ଏଥିରେ ଓଡ଼ିଶା ଲିଙ୍କ୍ କିଛି ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏହି ବଡ଼ଧରଣର ଚାଲାଣ ପଛରେ କାହାର ହାତ ରହିଛି ଏବଂ ଏହି ଅସାଧୁ ବ୍ୟବସାୟର ମୂଳ କେଉଁଠି, ତାହାକୁ ନେଇ ଡିଆରଆଇ ଖୋଳତାଡ଼ ଚଳାଇଛି। ନିର୍ବାଚନ ସମୟରେ ଏଭଳି ଚୋରା



କାରବାରର ପର୍ଦ୍ଦାଫାସ୍ ଡିଆରଆଇ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି।
ଡିଆରଆଇ ସୂଚନାନୁସାରେ ପଶ୍ଚିମବଙ୍ଗରୁ ଏକ କାର ଯୋଗେ ବିପୁଳ ଚୋରା ସୁନା ଆସୁଥିବା ନେଇ ନିର୍ଦ୍ଦିଷ୍ଟ ଖବର ମିଳିଥିଲା। ୨୮ ତାରିଖ ଦିନ ସକାଳୁ ଡିଆରଆଇ ଟିମ୍ ମଙ୍ଗୁଳି ଟୋଲ୍ ଗେଟ୍ ନିକଟରେ ଜଗି ରହିଥିଲା। କାରଟି ଟୋଲ୍ ଗେଟ୍ ଭିତରକୁ ପଶିବା ମାତ୍ରେ ଛକି ରହିଥିବା ଟିମ୍ ତାକୁ ଘେରି ଯାଇଥିଲା। କାରରେ ଥିବା ଦୁଇ ଚାଲାଣକାରୀ ଖସିଯିବାକୁ ସୁଯୋଗ ପାଇନଥିଲେ। ଯାଞ୍ଚ କଲା ବେଳେ କାରର ଭିତର ରୁଫ୍ ବା ଛାତ ତଳେ ଖଞ୍ଜାହୋଇ ଥିବା ୯ କେଜି ଓଜନର ସୁନା ବିସ୍କୁଟ୍ ମିଳିଥିଲା। ଡିଆରଆଇ ଟିମ୍ ସେମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ପେସା ଗାଡ଼ିଚାଳନା ଏବଂ ସେମାନଙ୍କୁ ଚାଲାଣ କାମରେ ନିୟୋଜିତ କରାଯାଉଥିଲା ବୋଲି ସେମାନେ କହିଥିଲେ। ସେମାନଙ୍କୁ ତାମିଲନାଡୁ ଯିବାକୁ ନିର୍ଦ୍ଦେଶ ଥିଲା। ଡିଆ ?ଆଇ କୋର୍ଟ ଚାଲାଣ କରିବା ପରେ ସେମାନଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇଦିଆଯାଇଛି।
ପୂର୍ବରୁ ବିମାନ ଯୋଗେ ଚୋରା ସୁନା ଚାଲାଣ ହେଉଥିଲା। କିନ୍ତୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବାରମ୍ବାର ଚଢ଼ଉ କରାଯାଇ ଚୋରା ସୁନା ଜବତ ହେବାରୁ ଏବେ ସ୍ମଗଲରମାନେ ସଡ଼କପଥକୁ ଗଳାବାଟ ଭାବେ ବାଛିଥିଲେ। କୋଭିଡ୍ ପରଠୁ ଆକାଶପଥରେ ଚୋରା ଚାଲାଣ କମିଯିବା ପରିଲକ୍ଷିତ ହୋଇଥିଲା। ତେଣୁ ସ୍ମଗଲରମାନେ ସଡ଼କପଥରେ(ରେଳପଥ ଦେଇ ମଧ୍ୟ) ଏହି ଚୋରା କାରବାର ବଢ଼ାଇଥିବା ନେଇ ଡିଆରଆଇ ଓ କଷ୍ଟମ୍ ଅଧିକାରୀମାନେ ସନ୍ଦେହ କରୁଥିଲେ। ଏବେ ଏହି ସନ୍ଦେହ ସତ ବୋଲି ପ୍ରମାଣିତ ହୋଇଛି। ସୂଚନାଯୋଗ୍ୟ ଯେ ୨୦୧୯ ମସିହାରେ ଝାରସୁଗୁଡ଼ା ରେଳଷ୍ଟେସନରୁ ୧୨ କେଜିରୁ ଅଧିକ ଓଜନର ସୁନା, ୨୦୨୨ ମସିହାରେ କଟକ ରେଳଷ୍ଟେସନ ଓ ଭୁବନେଶ୍ୱର ବିମାନବନ୍ଦରୁ ପ୍ରାୟ ୨ କେଜିରୁ ଅଧିକ ସୁନା ଜବତ କରାଯାଇଥିଲା। ସେହିଭଳି ୨୦୨୩ ମସିହାରେ କଟକରୁ ସାଢ଼େ ୩ କେଜି ସୁନା ଚାଲାଣ ବେଳେ ଜବତ ହୋଇଥିଲା।

# ସୁନା ଦରରେ ରେକର୍ଡ: ୨୨ କ୍ୟାରେଟ୍‌ର ମୂଲ୍ୟ ୬୩ ହଜାର ଛୁଇଁଲା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୂଲ୍ୟବାନ ଧାତୁ ସୁନା ଏବେ ବଜାରରେ ଚମକୁଛି। ଦିନକୁ ଦିନ ସୁନା ମହଙ୍ଗା ହେବାରେ ଲାଗିଛି। ଶୁକ୍ରବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୬୩ ହଜାର ଟଙ୍କା ଛୁଇଁଛି। ଗୁରୁବାର ତୁଳନାରେ ଶୁକ୍ରବାର ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧୩୦୦ ଟଙ୍କା ବୃଦ୍ଧି ଘଟିଛି। ସେହିପରି ୨୪ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ରେକର୍ଡ ୬୮,୭୩୦ ଟଙ୍କାରେ ପହଞ୍ଚିଛି। ଗୁରୁବାର ତୁଳନାରେ ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୧୪୨୦ ଟଙ୍କା ବୃଦ୍ଧି ଘଟିଛି। ଏହା ପୂର୍ବରୁ ମାର୍ଚ୍ଚ ୨୧ ତାରିଖ ଦିନ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ସେହିଦିନ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୭,୫୭୦ ଟଙ୍କା ଛୁଇଁଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୧,୯୫୦ ଟଙ୍କା ଛୁଇଁଥିଲା।
ସୂଚନା ମୁତାବକ, ଚଳିତମାସ ୧ ତାରିଖରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୫୭,୯୦୦ ଟଙ୍କା ଏବଂ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୬୩,୧୬୦ ଟଙ୍କା ରହିଥିଲା। ତେଣୁ ୨୨ କ୍ୟାରେଟ ସୁନା ଦାମ୍ ବୃଦ୍ଧି ଉପରେ ନଜର ପକାଇଲେ ଜଣାଯାଏ ମାର୍ଚ୍ଚ ମାସରେ ବର୍ତ୍ତମାନ ସୁଦ୍ଧା ଏହାର ମୂଲ୍ୟରେ ୮.୮୧ ପ୍ରତିଶତ ବା ୫୧୦୦ ଟଙ୍କା ବୃଦ୍ଧି ଘଟିଲାଣି। ସେହିଭଳି ମାର୍ଚ୍ଚ ପହିଲାରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୬୩,୧୬୦ ଟଙ୍କା ଥିଲା। ୨୯ ତାରିଖରେ ଏହା ୬୮,୭୩୦ ଟଙ୍କା ଛୁଇଁଛି। ଅର୍ଥାତ୍ ଗତ ୨୯ ଦିନ ମଧ୍ୟରେ ୨୪ କ୍ୟାରେଟ୍ ସୁନା ମୂଲ୍ୟରେ ୮.୮୨ ପ୍ରତିଶତ ବା ୫୫୭୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀର ଜଣେ ପ୍ରମୁଖ ସୁନା ବ୍ୟବସାୟୀଙ୍କ କହିବାନୁଯାୟୀ, ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ବୃଦ୍ଧି ଫଳରେ ଭାରତରେ ମଧ୍ୟ ଏହାର ମୂଲ୍ୟବୃଦ୍ଧି ଘଟୁଛି। ମୁଖ୍ୟତଃ ଚାରି ପାଞ୍ଚଟି କାରଣରୁ ବଜାରରେ ଏବେ ସୁନାମୂଲ୍ୟ ବଢୁଛି। ସେଥିରୁ ଗୋଟିଏ ହେଲା ୨୦୨୪ରେ ବିଶ୍ୱର ବିକଶିତ ଦେଶଗୁଡ଼ିକରେ ଅର୍ଥନୈତିକ ଅଭିବୃଦ୍ଧି ମନ୍ଥର ରହିବା ଏକ କାରଣ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର କୋହଳ କରୁ ନଥିବା କାରଣରୁ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଏହାବ୍ୟତୀତ ଅନ୍ୟ ପ୍ରମୁଖ କାରଣଟି ହେଲା ରୁଷ-ୟୁକ୍ରେନ ଏବଂ ହମାସ-ଇସ୍ରାଏଲ ଯୁଦ୍ଧ। ଏଥିଯୋଗୁ ବିଶ୍ୱରେ ଯେଉଁ ଭୌଗୋଳିକ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଛି ତାହାର ପ୍ରଭାବ ସୁନା ଦର ଉପରେ ପଡ଼ିଛି। ଏଥିସହିତ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ମୁଦ୍ରାର ମୂଲ୍ୟ ହ୍ରାସ କାରଣରୁ ଲୋକମାନେ ସୁନାକୁ ଅପେକ୍ଷାକୃତ ନିରାପଦ ନିବେଶ ଭାବେ ବିବେଚନା କରୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ଅଧିକ ପରିମାଣର ସୁନା ମହଜୁଦ କରି ରଖୁଛନ୍ତି। ଏହି କାରଣରୁ ୨୦୨୩ କ୍ୟାଲେଣ୍ଡର ବର୍ଷରେ ବିଶ୍ୱରେ ସୁନା ଚାହିଦା ରେକର୍ଡ ୪୮୯୯ ଟନରେ ପହଞ୍ଚିଥିଲା। ଏଭଳି ସ୍ଥିତିରେ ୱାର୍ଲ୍ଡ ଗୋଲ୍ଡ କାଉନସିଲର ଆକଳନ ଅନୁଯାୟୀ, ୨୦୨୪ କ୍ୟାଲେଣ୍ଡର ବର୍ଷରେ ଭାରତରେ ସୁନା ଚାହିଦା ୮୦୦ରୁ ୯୦୦ ଟନକୁ ବୃଦ୍ଧି ପାଇବ। ଅର୍ଥନୈତିକ ଅଭିବୃଦ୍ଧି ଏବଂ ଲୋକଙ୍କ ଆୟ ଭଲ ରହିବା କାରଣରୁ ଭାରତରେ ସୁନା ଚାହିଦା ବଢ଼ିବ ବୋଲି କୁହାଯାଉଛି। ଚଳିତବର୍ଷ ଭାରତ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ ଆଦି ଦେଶରେ ନିର୍ବାଚନ ଅଛି। ନୂଆ ସରକାର ଗଠନ ପରେ ବିଶ୍ୱର ରାଜନୈତିକ ଏବଂ ଅର୍ଥନୈତିକ ନୀତି ନୂଆ ରୂପ ନେଇପାରେ। ଏହାର ପ୍ରଭାବ ମଧ୍ୟ ସୁନା ଦାମ୍‌କୁ ପ୍ରଭାବିତ କରିପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ବଡ଼ଦାଣ୍ଡରେ ନାହିଁ ଚଲାପଥ

**ପୁରୀ, ନ୍ୟୁଜ ବ୍ୟୁରୋ**



ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ବଡ଼ଦାଣ୍ଡ ହେଉଛି ରଥଦାଣ୍ଡ । ତିନିରଥ ଏହି ଦାଣ୍ଡରେ ଘର ଘର ନାଦ କରି ଗୁଣ୍ଡିଚା ମନ୍ଦିରକୁ ନବ ଦିନ ଯାତ୍ରା ପାଇଁ ଗମନ କରିଥାନ୍ତି । ରଥ ଚକଡ଼ା, ରଥ ଖଳା ବଡ଼ଦାଣ୍ଡରେ ରହିଛି । ପୂର୍ବରୁ ପୁରୀ ପୌରସଂସ୍ଥା ଅଧିନରେ ବଡ଼ଦାଣ୍ଡ ରହିଥିବା ବେଳେ ୨୦୦୧ରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉଦ୍ୟମରେ ଜାତୀୟ ରାଜପଥ ଘୋଷଣା ହେଲା । ସେହି ଦିନ ଠାରୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଡ଼ଦାଣ୍ଡର ରକ୍ଷଣାବେକ୍ଷଣ ମରାମତି ଓ ନୂଆ ପିଚୁ ପଡ଼ିବା କାର୍ଯ୍ୟ କରାଯାଉଛି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଲୋକାର୍ପିତ ହେବା ପରେ ଅନେକ ପରିବର୍ତ୍ତନ ଦେଖା ଦେଇଛି । ମେଡ଼ିକାଲ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରାଯାଇ ଉଠା ଦୋକାନୀ ମାନଙ୍କୁ ଉଠାଇ ଦିଆଯାଇଛି । ବଡ଼ଦାଣ୍ଡ ଦୁଇ ପାର୍ଶ୍ୱ ଖୋଲା ହୋଇଯିବା ଫଳରେ ଚାରିଚକିଆ, ତିନି ଚକିଆ ଓ ଦୁଇ ଚକିଆ ଯାନ ଏବେ ଦୃତ ଗତିରେ ଯାଆସ କରୁଛନ୍ତି । ଯାହା ଫଳରେ ସହର ବାସିନ୍ଦାଙ୍କ ସମେତ ପର୍ଯ୍ୟଟକ ମାନେ ବେଳେ ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି । ବଡ଼ଦାଣ୍ଡର ଦୁଇ ପାର୍ଶ୍ୱ ଡ୍ରେନକୁ ଲଗାଇ ଚଲାପଥ (ଫୁଟପାଥ) ନିର୍ମାଣ କରିବା ପାଇଁ ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ସହରବାସୀ ଦାବି କରିଛନ୍ତି । ସମୁଦ୍ରକୂଳେ ଚଲାପଥ ନିର୍ମାଣ ହୋଇଥିବା ବେଳେ ବଡ଼ଦାଣ୍ଡରେ ଏହି ଚଲାପଥ ନାହିଁ ବୋଲି ଜଣେ ବଙ୍ଗୀୟ ପର୍ଯ୍ୟଟକ କହି କହି ଯାଉଥିବା ଶୁଣିବାକୁ ମିଳିଥିଲା । ଚଲାପଥ ନଥିବାରୁ ବରିଷ୍ଠ ନାଗରିକ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ଓ ଅସୁସ୍ଥ ଭକ୍ତମାନେ ବଡ଼ଦାଣ୍ଡରେ ଚାଲିକରି ଯିବା କଷ୍ଟସାଧ ହୋଇପଡ଼ିଲାଣି । ବିଶ୍ୱସ୍ତରୀୟ ଲକ୍ଷ୍ୟ ରଖି ପୁରୀର ବିକାଶ କରାଯାଉଥିବାରୁ ବଡ଼ଦାଣ୍ଡରେ ଚଲାପଥ ନିର୍ମାଣ କରିବା ପାଇଁ ଭକ୍ତ ମହଲରେ ଦାବି ହେଉଛି ।

# ମାଲକାନଗିରି କାରାଗାରରେ ଚିନ୍ତା ଓ ଚେତନା କାର୍ଯ୍ୟକ୍ରମ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାରାଗାରରେ ଥିବା ଅପରାଧୀମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ଏବଂ ଅପରାଧିକ କାର୍ଯ୍ୟକଳାପ ଅପେକ୍ଷା ଆଧ୍ୟାତ୍ମିକ ଚେତନାର ଅଭ୍ୟୁଦୟ ଆବଶ୍ୟକତାକୁ ଅନୁଭବ କରି ସକାରାତ୍ମକ ମନୋବୃତିର ବିକାଶ ପାଇଁ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ଚିନ୍ତା ଓ ଚେତନା ଆୟୋଜନ କରାଯାଇଥିଲା। କାରାଗାର ସୁପରିଟେଣ୍ଡ ଦିଲୀପ କୁମାର ଜେନାଙ୍କ ପୌରୋହିତ୍ୟରେ ଆଧ୍ୟାତ୍ମିକ ପୁସ୍ତକ ବଂଟନଭିତିକ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାରାଗାରର ଡାକ୍ତର ଅବିଶେଷ ପଣ୍ଡା ଓ ଇଗ୍ନୋର ସଂଯୋଜକ ଅଶୋକ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ।
ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ.ରଞ୍ଜନ କୁମାର ସ୍ୱାଇଁ ରାମାୟଣ, ମହାଭାରତ, ଭାଗବତ ଗୀତା, ସାଧାରଣ ଜ୍ଞାନ ଓ ଓଡ଼ିଆ ଉପନ୍ୟାସ ପ୍ରଭୃତିରୁ ଶତାଧିକ ପୁସ୍ତକ ଦାନ କରିଥିଲେ।

## ମୟୁରଭଞ୍ଜରେ ଜୋରଦାର ହେବ ବିଜେପି-ବିଜେଡି ଲଢେଇ

# ବିଜେପି ପ୍ରାର୍ଥୀ ନବ ମାଝୀଙ୍କୁ ଟକ୍କର ଦେବେ ବିଜେଡିର ସୁଦାମ ମାରାଣ୍ଡି

**ବାରିପଦା, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ତଥା ସର୍ବବୃହତ ମୟୁରଭଞ୍ଜ ଜିଲ୍ଲାରେ ରହିଛି ୯ଟି ବିଧାନସଭା ଓ ଗୋଟିଏ ଲୋକସଭା କ୍ଷେତ୍ର। ତେବେ ଜିଲ୍ଲର ୭ଟି ବିଧାନସଭା କ୍ଷେତ୍ର ଉଦଳା, ବାରିପଦା, ମୋରଡା, ବାଙ୍ଗିରିପୋଷି, ସରସକଣା, ରାଇରଙ୍ଗପୁର ଏବଂ ଯଶିପୁରକୁ ନେଇ ଗଠିତ ମୟୁରଭଞ୍ଜ ଲୋକସଭା କ୍ଷେତ୍ର। ବାକି ବଡ଼ସାହି ନିର୍ବଚନ ମଣ୍ଡଳୀ ବାଲେଶ୍ୱର ଲୋକସଭା କ୍ଷେତ୍ର ଏବଂ କରଞ୍ଜିଆ ନିର୍ବଚନ ମଣ୍ଡଳୀ କେନ୍ଦୁଝର ଲୋକସଭା କ୍ଷେତ୍ର ସହିତ ସାମିଲ ହୋଇ ରହିଛି।
୨୦୧୯ନିର୍ବାଚନ ମୁତାବକ ମୟୁରଭଞ୍ଜ ଲୋକସଭା କ୍ଷେତ୍ରରେ ମୋଟ ୧୪ଲକ୍ଷ ୯୩ହଜାର ୨୦୫ ଜଣ ଭୋଟର ରହିଥିବା ବେଳେ, ୧୧ଲକ୍ଷ ୫୦ହଜାର ୩୫୭ ଜଣ ଭୋଟଦାନ କରିଥିଲେ। ବିଜେପି ସାଂସଦ ପ୍ରାର୍ଥୀ ବିଶ୍ୱେଶ୍ୱର ଟୁଡୁ ୪ଲକ୍ଷ ୮୩ହଜାର ୮୧୨ଟି (୪୨.୭୦)ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିବା ବେଳେ, ୨୫ହଜାର ୨୫୬ଟି ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଡା. ଦେବାଶିଷ ମାରାଣ୍ଡିଙ୍କ ଠାରୁ ଆଗୁଆ ଥିଲେ। ଦେବାଶିଷ ୪ଲକ୍ଷ ୫୮ହଜାର ୫୫୬ଟି (୪୦.୭୦)ପ୍ରତିଶତ ଭୋଟ ପାଇଥିଲେ। ସେହିପରି ମୟୁରଭଞ୍ଜ ଲୋକସଭା କ୍ଷେତ୍ରରେ ଜେଏମଏମ ପାଇଥିଲା ୧୨ପ୍ରତିଶତ ଭୋଟ। ତେବେ ଏହି ଲୋକସଭା କ୍ଷେତ୍ର ୧୯୯୮ ପର୍ଯ୍ୟନ୍ତ କଂଗ୍ରେସ ହାତରେ ରହିଥିବା ବେଳେ, ୧୯୯୮ ଉପନିର୍ବାଚନ ଏବଂ ୧୯୯୯ ନିର୍ବାଚରେ ବିଜେପିର ସାଲଖାନ ମୁର୍ମୁ ସାଂସଦ ନିର୍ବାଚିତ ହୋଇଥିଲେ। ୨୦୦୪ ନିର୍ବାଚନରେ ଏହି ଆସନରେ ଜେଏମଏମ ନେତା ସୁଦାମ ମାରାଣ୍ଡି






ସାଂସଦ ଭାବରେ ନିର୍ବାଚିତ ହୋଇଥିବା ବେଳେ, ୨୦୦୯ରେ ବିଜେଡିର ଲକ୍ଷ୍ମଣ ଟୁଡୁ ଏବଂ ୨୦୧୪ ନିର୍ବାଚନରେ ବିଜେଡିର ଇଂ ରାମଚନ୍ଦ୍ର ହାଁସଦା ସାଂସଦ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ ସାରା ରାଜ୍ୟରେ ବିଜେଡିର ଅଭୁତପୁର୍ବ ସଫଳତା ମଧ୍ୟରେ ମୟୁରଭଞ୍ଜ ଜିଲାରେ ବଦଳି ଯାଇଥିଲା ଭୋଟ ସମୀକରଣ। ଜିଲ୍ଲାର ମୋଟ ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ବିଜେପି ଏକାକୀ ୬ଟି ବିଧାନସଭା କ୍ଷେତ୍ର ସହ ଏକମାତ୍ର ଲୋକସଭା କ୍ଷେତ୍ର ଅକ୍ତିଆର କରିଥିଲା। ବିଜେପିର ଇଂ ବିଶ୍ୱେଶ୍ୱର ଟୁଡୁ ସାଂସଦ ନିର୍ବାଚିତ ହୋଇ ପରେ ପରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ମଧ୍ୟ ସ୍ଥାନ ପାଇଥିଲେ। ତେବେ ଏଥର ବିଜେପି ବିଶ୍ୱେଶ୍ୱରଙ୍କ ଉପରେ ଭରସା ନକରି ବିଜେପିରୁ ରାଇରଙ୍ଗପୁର ବିଧାୟକ ଥିବା ନବ ଚରଣ ମାଝିଙ୍କୁ ସାଂସଦ ଟିକଟ ଦେଇଛି। ନବ ଚରଣ ନିର୍ବାଚନୀ ରାଜନୀତିରେ ମାତ୍ର ଥରେ ରାଇରଙ୍ଗପୁରରୁ ବିଧାୟକ ହୋଇଥିବା ବେଳେ କେବଳ ରାଇରଙ୍ଗପୁର ସବଡ଼ିଭିଜନକୁ ଛାଡିଦେଲେ ବାରିପଦା, ଉଦଳା ବା କରଞ୍ଜିଆ ସବଡିଭିଜନରେ ତାଙ୍କର ସେଭଳି ସ୍ପଷ୍ଟ ଲୋକପ୍ରିୟତା ନାହିଁ। ସେହିଭଳି ନିକଟ ଅତୀତରେ ଅଧିକାଂଶ ଜିଲ୍ଲା ବାସୀଙ୍କ ଅନିଛା ସତ୍ୱେ ଜିଲ୍ଲା ବିଭାଜନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନର ସେ ନେତୃତ୍ୱ ନେଇ ଦରକାର ପଡିଲେ ମୟୁରଭଞ୍ଜ ବିଭାଜନ ପାଇଁ ସେ ପ୍ରଣବଳି ଦେବେ ବୋଲି ପ୍ରତିକ୍ରିୟା ଦେଇ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବାସୀଙ୍କ ରୋଷର ଶିକାର ହୋଇଥିଲେ ଏବଂ ବର୍ତ୍ତମାନ ବିଜେପିରୁ ସାଂସଦ ଟିକଟ ପାଇବା ପରେ ସୋସିଆଲ ମିଡିଆରେ ତାଙ୍କୁ ବର୍ତ୍ତମାନ ଟ୍ରଲ ହେବାକୁ ପଡୁଛି। ଏପରିକି ସୋସିଆଲ ମିଡିଆରେ ବିଭିନ୍ନ ଅଣରାଜନୈତିକ ସଂଗଠନ ତାଙ୍କର ପ୍ରାର୍ଥୀତ୍ୱକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଥିବାର ଦେଖିବାକୁ ମିଳୁଛି। ଏପରି ସ୍ଥିତିରେ ମୟୁରଭଞ୍ଜ ଲୋକସଭା କ୍ଷେତ୍ରରେ ନିଜର ପୂର୍ବ ପତିଆରା ଜାହିର କରିବାକୁ ବିଜେଡି ନୂଆ ଟ୍ରିକ ଖେଳି ରାଜ୍ୟ ସରକାରଙ୍କ ଗଣଶିକ୍ଷା ଏବଂ ରାଜସ୍ୱ ବିଭାଗର ମନ୍ତ୍ରୀ ଥିବା ଜିଲ୍ଲାର ଲୋକପ୍ରିୟ ଆଦିବାସୀ ନେତା ସୁଦାମ ମାରାଣ୍ଡିକୁ ମୟୁରଭଞ୍ଜ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ସୁଦାମ ମାରାଣ୍ଡି ମୋଟ ୫ଥର ବିଧାନ ସଭାକୁ ନିର୍ବାଚିତ ହୋଇଥିବା ସହ ଥରେ ଲୋକସଭାକୁ ଏହି ଆସନରୁ ନିର୍ବାଚିତ ହୋଇ ସାରିଛନ୍ତି। ସାରା ଜିଲ୍ଲାରେ ସେ ଜଣେ ପରିଚିତ ଚେହେରା ହୋଇଥିବା ବେଳେ, ସାରା ଜିଲ୍ଲାରେ ତାଙ୍କର ଦବଦବା ରହିଛି। ସେହିପରି ଏହି ଲୋକସଭା କ୍ଷେତ୍ରରେ ୫୯ ପ୍ରତିଶତ ଏସଟି ଭୋଟର, ୬.୯ପ୍ରତିଶତ ଏସସି ଭୋଟର, ୨.୮ପ୍ରତିଶତ ମୁସଲିମ ଭୋଟର ରହିଛନ୍ତି। ଏଣୁ ସବୁ ପ୍ରମୁଖ ରାଜନୈତିକ ଦଳ ଏସଟି ଭୋଟ ହାତେଇବା ପାଇଁ ସ୍ୱତନ୍ତ୍ର ରଣନୀତି ଆପଣାଇଥାନ୍ତି। ବିଜେପି ଏହି ଆସନକୁ ବଜାୟ ରଖିବା ପାଇଁ ଅତୀତରେ ସମସ୍ତ ପ୍ରୟାସ କରି ମୟୁରଭଞ୍ଜ ମାଟିର କନ୍ୟା ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ମହାମହିମ ରାଷ୍ଟ୍ରପତି ଆସନରେ ବସାଇବା, ସିଏଜି ଭାବରେ ମୟୁରଭଞ୍ଜର ଗିରିଶ ଚନ୍ଦ୍ର ମୁର୍ମୁଙ୍କୁ ମଧ୍ୟ ଅବସ୍ଥାପିତ କରାଯିବା, ଜିଲ୍ଲାରେ ଆଦିବାସୀ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ଜିଲ୍ଲାରେ ସର୍ବାଧିକ ଏକଲବ୍ୟ ମଡେଲ ସ୍କୁଲ ଖୋଲିବା, ଜିଲ୍ଲାବାସୀଙ୍କର ବହୁ ବର୍ଷର ଦାବୀ ଅମର୍ଦା ଏୟାରଷ୍ଟ୍ରିପକୁ ଉଡ୍ଡାନ ଯୋଜନାରେ ସାମିଲ କରି ଏୟାରପୋର୍ଟ ନିର୍ମାଣ କାର୍ଯ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା, ଜିଲ୍ଲାରେ ବାଦାମ ପାହାଡ଼ - ରାଉରକେଲା, ବାଦାମପାହାଡ଼ - ସାଲିମାର, ସ୍ୱତନ୍ତ୍ର ମେମୁ ଟ୍ରେନ ଚଳାଚଳ ମହାମହିମ ରାଷ୍ଟ୍ରପତିଙ୍କ ହାତରେ ଶୁଭାରମ୍ଭ କରିଥିବା, ଜିଲ୍ଲା ଦେଇ ଯାଇଥିବା ୧୮ ଏବଂ ୪୯ନମ୍ବର ଜାତୀୟ ରାଜପଥ ୪ ଥାକିଆ କରିବା, ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି ମାତ୍ର ଜିଲ୍ଲା ବାସୀଙ୍କର ବହୁ ପ୍ରତୀକ୍ଷିତ ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମହିଷାଣି ଆଦି ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଚୂଡାନ୍ତ ଘୋଷଣା ହୋଇ ନଥିବାରୁ ଜିଲ୍ଲାବାସୀ ମନ ଊଣା କରିଛନ୍ତି। ଏଥର ବିଜେଡି ଜିଲ୍ଲାରେ ନିଜର ପୂର୍ବ ପତିଆରା ଫେରିପାଇବାକୁ ଭିନ୍ନ ରଣନୀତି ଆପଣାଉଥିବାର ଦେଖା ଯାଉଛି। ବିଜେଡି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାକୁ, ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍କୁଟି ଯୋଗାଇ ଦେବା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମୁକ୍ତା ଯୋଜନାରେ ଠିକାଦାରୀ କାମ ଦେବା, ମହିଳା ମିଶନଶକ୍ତି ଲିଡରଙ୍କୁ ଦୁବାଇ ନେଇ ପ୍ରଶିକ୍ଷଣ ଦେବା, ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ଋଣ ଦେବା ଆଦି ବିଭିନ୍ନ ଯୋଜନା କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା, ନୂଆ ଭୋଟର ତଥା କଲେଜ ଛାତ୍ର ଛାତ୍ରୀଙ୍କୁ ସ୍କଲାରସିପ ପ୍ରଦାନ ଯୋଜନା କରିବାର ଦେଖାଯାଉଛି। ସେହିପରି ଦଳୀୟ ଢାଞ୍ଚାରେ ସାରା ରାଜ୍ୟରେ ତୃଣମୂଳ ସ୍ତରୀୟ ୪ଲକ୍ଷ କର୍ମୀଙ୍କୁ ପ୍ରଶିକ୍ଷଣ ଦେଇ ପ୍ରତି କର୍ମୀଙ୍କୁ ବୁଥ୍ ସ୍ତରରେ ୨୦ଟି ପରିବାର ବା ୬୦ଜଣ ଭୋଟରଙ୍କ ସୁଖଦୁଃଖରେ ସାମିଲ ହୋଇ ସରକାରୀ ସହାୟତା ପାଇବାରେ ସହଯୋଗ କରିବାକୁ ଦାୟିତ୍ୱ ଦିଆଯାଇଛି। ତେବେ ୨୦୨୪ ନିର୍ବାଚନ ଜିଲ୍ଲାରେ ବିଜେପି ଏବଂ ବିଜେଡି ପାଇଁ ନିର୍ଣ୍ଣୟକ ଲଢେଇ ହେବାକୁ ଯାଉଥିବା ବେଳେ, କଂଗ୍ରେସ ଏବଂ ଜେଏମଏମ, ଆମ ଆଦମୀ ପାର୍ଟି ମଧ୍ୟ ନିଜନିଜ ସଂଗଠନ ସଜାଡୁ ଥିବାର ଦେଖାଯାଉଛି। ତେବେ ଇଣ୍ଡିଆ ମେଣ୍ଟ ହେଲେ ଏହି ଲୋକସଭା ଆସନରେ ମେଣ୍ଟ ପକ୍ଷରୁ ଜେଏମଏମ ଲଢିବ ବୋଲି ଜଣାଯାଉଛି। ୨୦୧୯ ନିର୍ବାଚନରେ ଜିଲ୍ଲା ରାଜନୀତିରେ ବିଜେଡି ତାର ଲୋକପ୍ରିୟତା ହରାଇଥିବା ବେଳେ, ପରେପରେ ଅନୁଷ୍ଠିତ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଶାସକ ବିଜେଡି ବିଜେପିକୁ ଧୂଳି ଚଟାଇ ଦେଇଥିଲା। ଜିଲ୍ଲାର ମୋଟ ୫୬ଟି ଜିଲ୍ଲା ପରିଷଦ ଆସନ ନିର୍ବାଚନରେ ବିଜେପି ଖାତା ଖୋଲି ପାରିନଥିବା ବେଳେ, ଜେଏମଏମ ୩ଟି ଆସନ ହାତେଇବାରେ ସଫଳ ହୋଇଥିଲା। ସେହିପରି କେବଳ ଉଦଳା ଏନଏସି କୁ ଛାଡିଦେଲେ ବାରିପଦା, ରାଇରଙ୍ଗପୁର ମୁନିସିପାଲିଟି ସହ କରଞ୍ଜିଆ ଏନଏସି ମଧ୍ୟ ଦଖଲ କରିଥିଲା ଶାସକ ବିଜେଡି। ଜିଲ୍ଲାରେ ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ବିଜେପିର ୬ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କୁ ଛାଡି ବାକି ବିଜେପି ବିଧାୟକ ମାନଙ୍କର ରାଜନୈତିକ ନିଷ୍କ୍ରିୟତା ଦଳର ଲୋକପ୍ରିୟତାକୁ ପ୍ରଭାବିତ କରିଥିବା ଏବଂ ବିଜେପି ନେତା ମାନେ ମୋଦି ଭରସାରେ ବାଟଚାଲୁଥିବା ରାଜନୈତିକ ସମୀକ୍ଷକ ମାନେ ମତ ରଖିଛନ୍ତି। ତେବେ କଂଗ୍ରେସ ସାଂସଦ ପ୍ରାର୍ଥୀ ଘୋଷଣା କରି ନଥିବା ବେଳେ, ଏଥର ମୟୁରଭଞ୍ଜ ସଂସଦୀୟ କ୍ଷେତ୍ରରେ ବିଜେପି ଏବଂ ବିଜେଡି ମଧ୍ୟରେ ଜୋରଦାର ଲଢେଇ ହେବ ବୋଲି ଆକଳନ କରାଯାଉଛି।








ଭୁବନେଶ୍ୱର : ଲୋହିଆ ଏକାଡେମୀ ପରିସରରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଆୟୋଜିତ ବସନ୍ତ ଉତ୍ସବ-୨୦୨୪କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟ ଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ । ନିକଟରେ ଅଛନ୍ତି ଦେବୀ ପ୍ରସାଦ ପୃଷ୍ଟି, ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ହ୍ରାସ ପାଉଛି ଗର୍ଭପାତ : ବଢୁଛି ଶିଶୁ କନ୍ୟାଙ୍କ ସଂଖ୍ୟା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବିଭିନ୍ନ କାରଣରୁ କେତେକ ପରିବାରରେ ତଥା ପିତାମାତା କନ୍ୟା ସନ୍ତାନ ଜନ୍ମକୁ ଇଚ୍ଛା ପ୍ରକାଶ କରୁନଥିବା ନଜିର ରହିଛି । ଫଳରେ ଗର୍ଭଧାରଣ ସମୟରେ ହିଁ ଗର୍ଭରେ ବଢୁଥିବା ଶିଶୁକନ୍ୟାକୁ ଗର୍ଭପାତ ଦ୍ୱାରା ନଷ୍ଟ କରିଥାନ୍ତି । ଯାହା ଫଳରେ ସମାଜରେ ପୁଅଙ୍କ ତୁଳନାରେ ଝିଅଙ୍କ ଅନୁପାତ ହ୍ରାସ ପାଉଛି । ଯାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ । ଏହାକୁ ବିରୋଧ କରି ତଥା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୫ ତାରିଖକୁ ଆନ୍ତର୍ଜାତୀୟ ଗର୍ଭସ୍ଥ ଶିଶୁ ଦିବସ ରୂପେ ପାଳନ କରାଯାଇଥାଏ । ମୁଖ୍ୟତଃ ଶିଶୁକନ୍ୟାଙ୍କର ମୂଲ୍ୟ ଏବଂ ମହତ୍ତ୍ୱ ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବା ଓ ଗର୍ଭପାତକୁ ବିରୋଧ କରିବା ସହିତ ଶିଶୁକନ୍ୟାର ଅଧିକାରର ସୁରକ୍ଷାକୁ ପ୍ରୋତ୍ସାହିତ କରିବା । ଏହା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିଶୁ କନ୍ୟାଙ୍କ ନିମନ୍ତେ ବିଭିନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି । ଜିଲ୍ଲାରେ ୨୦୧୭ ମସିହା ଠାରୁ ମୋ ଗେହ୍ଲା ଝିଅ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜୁ କନ୍ୟାରତ୍ନ ଓ ବେଟି ବଚାଓ ବେଟି ପଢ଼ାଓ ଭଳି କାର୍ଯ୍ୟକ୍ରମ କରାଯାଉଛି । ଏଥି ସହିତ ଗର୍ଭଧାରଣ ଅବସ୍ଥାରେ ଲିଙ୍ଗ ନିରୂପଣ କରିବା



ଓ ଗର୍ଭରେ ବଢୁଥିବା ଶିଶୁ କନ୍ୟାକୁ ନଷ୍ଟ କରିବା କ୍ଷେତ୍ରରେ ସରକାରଙ୍କ ଦ୍ୱାରା କଡ଼ା ଆଇନ୍ ପ୍ରଣୟନ କରାଯାଇଛି । ଏଥି ନିମନ୍ତେ ପିସି ଏଣ୍ଡ୍ ପିଏନ୍‌ଡ଼ିଟି ଆକ୍ଟ-୧୯୯୪ କାର୍ଯ୍ୟକାରୀ ହେଉଛି । ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ବିଭିନ୍ନ ମାଧ୍ୟମରେ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଫଳରେ କ୍ରମଶଃ ଏହା ଫଳପ୍ରଦ ହେବା ସହ ଶିଶୁକନ୍ୟାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୨୦୨୨-୨୩ ବର୍ଷରେ ଜିଲ୍ଲାରେ ଝିଅଙ୍କ ସଂଖ୍ୟା ବୃଦ୍ଧି ପାଇଛି । ପ୍ରତ୍ୟେକ ଏକ ହଜାର ପୁଅରେ ଜିଲ୍ଲାରେ ଝିଅଙ୍କ ସଂଖ୍ୟା ୯୨୧କୁ ବୃଦ୍ଧି ପାଇଛି । ଜିଲ୍ଲାରେ ୩ଟି ବ୍ଲକ୍ ଯଥା କୁକୁଡ଼ାଖଣ୍ଡି, ଖଲ୍ଲିକୋଟ ଓ ଦିଗପହଣ୍ଡି ବ୍ଲକ୍‌ରେ ପୁଅଙ୍କ ଠାରୁ ଝିଅଙ୍କ ଅନୁପାତ ଅଧିକ ରହିଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରତି ହଜାର ପୁଅରେ କୁକୁଡ଼ାଖଣ୍ଡି ବ୍ଲକ୍‌ରେ ୧୦୪୯ ଝିଅ ଅଛନ୍ତି । ସେହିପରି ଖଲ୍ଲିକୋଟରେ ୧୦୧୪ ଓ ଦିଗପହଣ୍ଡି ୧୦୧୪ ଝିଅ ଅଛନ୍ତି । ପ୍ରତି ହଜାରେ ପୁଅରେ ପାତ୍ରପୁର ବ୍ଲକ୍‌ରେ ଝିଅ ସଂଖ୍ୟା ହଜାରେ ରହିଥିବା ବେଳେ ଆସିକାରେ ୯୮୮, ଚିକିଟୀରେ ୯୭୮, ଗଞ୍ଜାମରେ ୯୬୦, ଭଞ୍ଜନଗରରେ ୯୨୯, ଛତ୍ରପୁରରେ ୯୨୪, ବେଲଗୁଣ୍ଠାରେ ୯୨୩, ବ୍ରହ୍ମପୁର ମହାନଗର ନିଗମରେ ୯୧୮, ଧରାକୋଟରେ ୯୦୦, ରଙ୍ଗେଇଲୁଣ୍ଡାରେ ୮୯୧, ପୋଲସରାରେ ୮୮୯, ହିଞ୍ଜିଳିକାଟୁ ୮୮୨, ବୁଗୁଡ଼ାରେ ୮୭୬, ସାନଖେମୁଣ୍ଡିରେ ୮୭୫, ଜଗନ୍ନାଥପ୍ରସାଦରେ ୮୬୯, ଶେରଗଡ଼ରେ ୮୬୮, ସୋରଡ଼ାରେ ୮୬୮, ପୁରୁଷୋତ୍ତମପୁରରେ ୮୫୧ ଓ କବିସୂର୍ଯ୍ୟନଗରରେ ଝିଅଙ୍କ ସଂଖ୍ୟା ୮୪୪ ରହିଛି । ହଜାରେ ପୁଅରେ କବିସୂର୍ଯ୍ୟନଗରରେ ଝିଅ ସଂଖ୍ୟା ସବୁ ଠାରୁ କମ୍ ରହିଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି । ସେହିପରି ୨୦୨୦ ମସିହାରେ ଗଞ୍ଜାମ ଜିଲ୍ଲାରେ ପ୍ରତି ହଜାରେ ପୁଅଙ୍କ ମଧ୍ୟରେ ୯୦୯ ଜଣ ଝିଅ ଥିବା ବେଳେ ୨୦୨୧ ମସିହାରେ ୮୯୭ ଜଣ ଝିଅ ରହିଥିଲେ । ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ ୩୦ଟି ଘରୋଇ ଅଲଟ୍ରାସାଉଣ୍ଡ୍ କେନ୍ଦ୍ରକୁ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅନୁମତି ଦିଆଯାଉଛି । ସେଥି ମଧ୍ୟରୁ ବ୍ରହ୍ମପୁର ସହରରେ ୨୧ଟି କେନ୍ଦ୍ର ଥିବା ବେଳେ ଜିଲ୍ଲାର ଅନ୍ୟ ସହରରେ ଅବଶିଷ୍ଟ୯ଟି କେନ୍ଦ୍ର ରହିଛି । ଏଥି ସହିତ କିଛି ବେଆଇନ୍ ଅଲଟ୍ରାସାଉଣ୍ଡ୍ କେନ୍ଦ୍ର ରହିଥିବା ନେଇ ମଧ୍ୟ ଅଭିଯୋଗ ରହିଛି । ଏହି କେନ୍ଦ୍ରଗୁଡ଼ିକରେ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହେଉଛି । ଘରୋଇ ଅଲଟ୍ରାସାଉଣ୍ଡ୍ କେନ୍ଦ୍ରଗୁଡ଼ିକରେ ଲିଙ୍ଗ ନିରୂପଣ ହେଉଥିବା ଅଭିଯୋଗ ଆଧାରରେ ବ୍ରହ୍ମପୁର ପୋଲିସ ଅନୁସନ୍ଧାନ କରିଥିଲା । ଗତ ୨୦୨୨ ମସିହାରେ ବ୍ରହ୍ମପୁର ଅଙ୍କୁଲି ଅଞ୍ଚଳରେ ଏକ ଭଡ଼ା ଘରେ ଚାଲିଥିବା ଆଲଟ୍ରାସାଉଣ୍ଡ କେନ୍ଦ୍ରକୁ ସିଲ୍ କରାଯାଇଥିଲା । ସମ୍ପୃକ୍ତ ଅଭିଯୁକ୍ତଙ୍କୁ ସିସି ଏଣ୍ଡ୍ ପିଏନ୍‌ଡ଼ିଟି ଆକ୍ଟ-୧୯୯୪ ରେ ଗିରଫ କରାଯିବା ସହ ଏଥିରେ ବ୍ୟବହାର ହେଉଥିବା ପୋର୍ଟେବଲ୍ ଅଲଟ୍ରାସାଉଣ୍ଡ ମେସିନ୍‌କୁ ଜବତ କରାଯାଇଥିଲା । ତଥାପି ଜିଲ୍ଲା ତଥା ସହରରେ ବର୍ତ୍ତମାନ ମଧ୍ୟ କିଛି ଘରୋଇ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣା ତଦନ୍ତ କରିବା ସହ ଏଭଳି ବେଆଇନ୍ ଅଲଟ୍ରାସାଉଣ୍ଡ୍ କେନ୍ଦ୍ର ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ନେତାଙ୍କ ପାଇଁ ଏତେ ଖଣ୍ଡୁଆପାଟ ଆସୁଛି କୁଆଡୁ

**ପୁରୀ, ନ୍ୟୁଜ ବ୍ୟୁରୋ**

ବାଜିଲାଣି ନିର୍ବାଚନ ଘଂଟି । ନେତାମାନେ ହେଲେଣି ଚଳଚଂଚଳ । ଭୋଟର ମାନେ ଗାଁ ଗଣ୍ଡା ସାହି ଛକ ଓ ଖଟିରେ ଆଲୋଚନା କଲେଣି । ଏବେ ଯେଉଁ ଦଳ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରୁଛନ୍ତି ସେହି ପ୍ରାର୍ଥୀମାନେ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବା ସମୟରେ ସିଂହଦ୍ୱାର ଠାରେ କର୍ମୀମାନଙ୍କ ଦ୍ୱାରା ଖଣ୍ଡୁଆ ପାଟ ଓ ଶିରିକପଡ଼ା ବେକରେ ପଡୁଛି । ଯାହା ପ୍ରଭୁଙ୍କୁ ଲାଗି ହୁଏ ତାହା ପ୍ରସାଦ ହୋଇଯାଏ । ଏହାକୁ ମୁଣ୍ଡରେ ଥୋଇବା ବିଧି ଥିବା ବେଳେ ଏବେ ସମସ୍ତେ ବେକରେ ପକାଇ ଫଟୋ ଉଠାଇବା ଭିଡ଼ିଓ କରିବା ଓ ଗଣମାଧ୍ୟମକୁ ବାଇଟ୍ ଦେବାରେ ବ୍ୟସ୍ତ ରହୁଛନ୍ତି । ଚପଲ ଓ ବୁଟ୍ ପିନ୍ଧି ଖଣ୍ଡୁଆପାଟ ପକାଉଥିବାରୁ ତାହା ଧାର୍ମିକ ବିରୁଦ୍ଧାଚରଣ କରୁଛି ବୋଲି କେତେକ ଧାର୍ମିକ ବ୍ୟକ୍ତି ଅଭିଯୋଗ କରୁଛନ୍ତି । ଏବେ କିଛି ଦିନ ହେଲାଣି ବିଭିନ୍ନ ଦଳରୁ ମାଳ ମାଳ ନେତା ଶ୍ରୀମନ୍ଦିର ଆସୁଛନ୍ତି । ତେବେ ସେମାନଙ୍କ ନିମନ୍ତେ ଏତେ ସଂଖ୍ୟକ ଖଣ୍ଡୁଆପାଟ ପ୍ରକୃତ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆପାଟ ନା ଦୋକାନରୁ ଅଣାଯାଇ ସ୍ୱତନ୍ତ୍ର ସେଂଟ ଅଗୁର ପକାଯାଇ ଦିଆଯାଉଛି କି ବୋଲି ଅନେକ ଭକ୍ତ ସିଂହଦ୍ୱାରରେ ଆଲୋଚନା କରୁଛନ୍ତି ।

## ମଦ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମହିଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଦ ବିରୋଧରେ ତାତିଲେ ମହିଳା। ପ୍ରତିବାଦରେ ଶତାଧିକ ମହିଳାଙ୍କ ରାସ୍ତା ଅବରୋଧ । କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଦେଉଳତରା ଗ୍ରାମରେ ଗାଁରୁ ଆରମ୍ଭ କରି ବଜାରରେ ଚାଲିଛି ଚୋରା ମଦ ବ୍ୟବସାୟ । ଯାହାର ପ୍ରତିବାଦରେ ୨୦ ନମ୍ବର ରାଜ୍ୟ ରାଜପଥ ଦେଉଳତରା ଛକ ନିକଟରେ ଶତାଧିକ ମହିଳା ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ଏହି ରାସ୍ତାରେ ଯାତାୟତ ଠପ୍ ହୋଇପଡିଥିଲା । ତେବେ ଚୋରା ମଦ ବ୍ୟବସାୟୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ମହିଳାଙ୍କୁ ପ୍ରତିଶ୍ରୁତି ଦେବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଛି ।

## ୩୫ ତମ ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ

# ୧୪ଦିନ ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ ପାଇଁ ନିଷ୍ପତ୍ତି

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଏପ୍ରିଲ ୦୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ମା' କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଅଛି । ଏହି ପରିପ୍ରେକ୍ଷୀରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୫ ତମ ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ ଏପ୍ରିଲ ୭ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ । ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟ ରେ ପହଁଚି ଯାଇଛି । ଏଣୁ ସମଗ୍ର ବାଲିଗୁଡା ଅଞ୍ଚଳ ବାସୀଙ୍କୁ ସମିତି ତରଫରୁ ବିନମ୍ର ଅନୁରୋଧ ଯେ, ଏପ୍ରିଲ ୦୧ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ ପ୍ରଭୃତି ଆମିଷ ଦ୍ରବ୍ୟ ଅନୁଷ୍ଠାନ ରେ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି । ତେର ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୭ ତାରିଖ ରବିବାର ସକାଳ ୮ ଘଣ୍ଟା ସମୟରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଥଳଙ୍କୁ ବରଣ କରାଯିବ । ଦିବା ଘ.୧୧.୩୦ମି ସମୟରେ ଟାଉନର ମୁଖ୍ୟ ରାସ୍ତା ରେ ଧୂଳିଦଣ୍ଡ , ଅପରାହ୍ନ ଘ.୪.୩୦ମି. ରେ ଆଦର୍ଶ ପୁଷ୍କରିଣୀ ରେ ପାଣିଦଣ୍ଡ , ସନ୍ଧ୍ୟା ୦୫ ଘଟିକାରେ ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେର ଦଣ୍ଡର ଏକ ମହା ମିଳନ ଆୟୋଜନ କରାଯିବ । ରାତ୍ର ୮ଘଣ୍ଟାରୁ ୧୨ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ରାତ୍ର ୧୧ ଘଟିକାରେ ଝୁଣା ଦଣ୍ଡ ପଟୁଆର ସହ ୮ ତାରିଖ ସୋମବାର ଦିନ ସକାଳ ୮ ଘଟିକାରେ ଯାତ୍ରା ସମାପନ ହେବ,ଏଣୁ ସମସ୍ତ ଅଞ୍ଚଳ ବାସୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

## ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ଜଟିଳ ଅସ୍ତ୍ରୋପଚାର

# ପ୍ରସୂତିଙ୍କ ଗର୍ଭରୁ ବାହାରିଲା ଦେଢ଼ କିଲୋ ଓଜନର ଟ୍ୟୁମର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା ସ୍ଥିତ କ୍ୟାମ୍ପସ୍‌ରେ ଜଟିଳ ଅସ୍ତ୍ରୋପଚାର ଜରିଆରେ ଡାକ୍ତରୀ ଟିମ୍ ଜଣେ ଗର୍ଭବତୀଙ୍କ ପେଟରୁ ଦେଢ଼ କିଲୋ ଓଜନର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ଏହି ବିଶାଳ ଟ୍ୟୁମର ବାହାର କରିବା ସହ ସଫଳ ପ୍ରସବ ଦ୍ୱାରା ଉଭୟ ମା ଏବଂ ଶିଶୁ ପୁତ୍ରର ଜୀବନ ରକ୍ଷା ହୋଇପାରିଛି।




ଗଙ୍ଗପଡ଼ା ଅଂଚଳର ରୁପାଲୀ ମାର୍ଥା ନାମକ ଜନୈକା ଗର୍ଭବତୀ ତାଙ୍କ ପେଟରେ ଟ୍ୟୁମର ମଧ୍ୟ ରହିଥିବା ଜାଣି ପ୍ରସବ ନିମନ୍ତେ ଆଇଏମ୍‌ଏସ୍ ଫୁଲନଖରା କ୍ୟାମ୍ପସ ସ୍ଥିତ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।
ପ୍ରସୂତୀ ଓ ଶିଶୁର ଜୀବନ ରକ୍ଷା କରିବା ନିମନ୍ତେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସର୍ଜନ ଡାକ୍ତର ସ୍ମୃତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଉଭୟ ସିଜରିଆନ୍ ସେକ୍ସନ୍ ଓ ମାୟୋମେକ୍ଟୋମି ଅସ୍ତ୍ରୋପଚାର ଜରିଆରେ ମହିଳାଙ୍କ ଶରୀରରୁ ଫାଇବ୍ରେଡ ୟୁଟ୍ରସ୍‌କୁ ବାହାର କରାଯାଇଥିଲା। ମା ଓ ଶିଶୁର ଜୀବନ ରକ୍ଷା କରିଥିବା ହସ୍ପିଟାଲ୍‌ର ଡାକ୍ତର ଓ ଟିମ୍ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି ମହିଳାଙ୍କ ପରିବାର। ଏହି ହସ୍ପିଟାଲରେ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଯୋଜନା ଦ୍ୱାରା ସ୍ୱାସ୍ଥ୍ୟସେବା ମଧ୍ୟ ଉପଲବ୍ଧ।

# ରମ୍ଭାରେ ଉତ୍କଳର ଐତିହ୍ୟ ଓ ସାଂସ୍କୃତିକ ସଂଗ୍ରହାଳୟ ସ୍ଥାପନ ହେବ



**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ ପ୍ରସ୍ତୁତି ବୈଠକ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି / ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ। ବୈଠକରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଥିବା ବୈଠକରୁ ଜଣାପଡିଛି। ତତ ସହିତ ରମ୍ଭାରେ ଏକ ଉତ୍କଳର ଐତିହ୍ୟ ଓ ସାଂସ୍କୃତିକ ସଂଗ୍ରହଳୟ ସ୍ଥା।ପନ ପାଇଁ ପ୍ରସ୍ତାବ ଗୃହୀତ ସହ ୪୧ଗୋଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡା,ପ୍ରସାଦ ରାଓ ପୃଷ୍ଟି (କାର୍ଯ୍ୟକାରୀ ସଭାପତି ),ଅଭିମନ୍ୟୁ ସାହୁ (ସାଂଗଠନିକ ସମ୍ପାଦକ ), ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ବାଳକୃଷ୍ଣ ମହାରଣା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବିଜୟ କୁମାର ବିଶ୍ୱାଳ, ସମାଲୋଚକ ପତ୍ରିକା ଦଣ୍ଡପାଣି ମହାପାତ୍ର, ପ୍ରସନ୍ନ ମିଶ୍ର (ପ୍ରାକ୍ତନ ଅଧ୍ୟକ୍ଷ), ମହେଶ୍ୱର ବରାଡ଼, ଗୋପାଳ କୃଷ୍ଣ ସେନାପତି, ସୁବାସ ପତି, ଭୀମସେନ ବେହେରା, ରବୀନ୍ଦ୍ର ବେହେରା(ବରିଷ୍ଠ ଯୋଗ ଗୁରୁ), ବିଜୟ ଚନ୍ଦ୍ର ବିଶ୍ୱାଳ, ଉମେଶ ମହାନ୍ତି, ରାମଚନ୍ଦ୍ର ବାଡତୀୟା, ଚନ୍ଦ୍ରଶେଖର ନାୟକ, ସୁରେଶ ଚନ୍ଦ୍ର ନାହାକ, ବ୍ରଜ କିଶୋର ସାହୁ, ଗୋକୁଳ ନାହାକ, ସୁଦର୍ଶନ ତ୍ରିପାଠୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଶେଷରେ ଶିଶୁ ମନ୍ଦିର ସଭାପତି ଏମ. ନୃସିଂହ ସୁବୁଦ୍ଧି ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ। ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ /ଗୁରୁମା ପ୍ରମୁଖ।

## ସବୁ ଧର୍ମର ସମନ୍ୱୟ ଶ୍ରୀ ଜଗନ୍ନାଥ

# ବାଲେଶ୍ୱର ଜିଲ୍ଲାସ୍ଥ ପାଣିଶିଆଳି ଗ୍ରାମ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ଆୟୋଜିତ ବାଲେଶ୍ୱର ଜିଲ୍ଲାସ୍ଥ ପାଣିଶିଆଳି ଗ୍ରାମରେ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀ ବାଲେଶ୍ୱର ଶାଖା ପକ୍ଷରୁ ଅନୁଷ୍ଠିତ ଏକ ଅଧ୍ୟାତ୍ମିକ ମହାପ୍ରଚ୍ଚର ସମିତିର ମୁଖ୍ୟ ପରିଚ୍ଚଳକ ଭାଗୀରଥିନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସମ୍ପୂର୍ଣ୍ଣ ହୋଇଛି । ଏଥିରେ ମୁଖ୍ୟବକ୍ତା ଭାବରେ ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀ ସନ୍ତୋଷ କୁମାର ଦାସ, ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଆବାହକ ସେବକ ଶ୍ରୀ ଶରତ କୁମାର ସାହୁ, ସମିତିର ମହାପରିଚ୍ଚଳକ ଅବସରପ୍ରାପ୍ତ ରେଲୱେ ଅଫିସର ଶ୍ରୀ ସୁଦର୍ଶନ ପଣ୍ଡା ଅନ୍ୟତମ କରେଣ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରେ ଶ୍ରୀକ୍ଷେତ୍ର ବାସିନୀ ମହାଲକ୍ଷ୍ମୀ ସଂକୀର୍ତ୍ତନ ମଣ୍ଡଳୀର ସଂଚ୍ଚଳିକା ସୁଶ୍ରୀ ଅନ୍ନପୂର୍ଣ୍ଣା ଦେବୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ, ଶ୍ରୀ ଜଗନ୍ନାଥ ୧୪ ଭୁବନର ଅଧିଶ୍ୱର ହୋଇଥିବାରୁ ଚତୁର୍ଦ୍ଧା ବିଗ୍ରହଙ୍କ ନିମନ୍ତେ ଯେଉଁ ପଉଟି ପ୍ରସ୍ତୁତ କରାଯାଇଥାଏ ତାହା ୬୦ ଗରଟି ଭୋଗରେ ପରିଣତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ସବୁ ଧର୍ମ ଓ ମତପନ୍ଥର ଦିଆଁ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ସମାରୋହରେ ଏଠାରେ ଏକ ସ୍ଥାୟୀ ଶାଖା ଗଠନ କରିବା ପାଇଁ ଗ୍ରାମକାରୀମାନଙ୍କୁ ସୁପାରିସ୍ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେଲଦା, ଜଳଦା ନିକଟବର୍ତ୍ତୀ ଗ୍ରାମକାରୀ ତଥା ସଙ୍କୀର୍ତ୍ତନ ମଣ୍ଡଳୀ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ ।

# ଅଙ୍ଗଦାନ ପାଇଁ ଫାର୍ମାସିଷ୍ଟ ଶୁଭକାନ୍ତଙ୍କ ଘୋଷଣା

**ବ୍ରହ୍ମପୁର/ବେଲଗୁଣ୍ଠା, ନ୍ୟୁଜ ବ୍ୟୁରୋ**



ପେସାରେ ଜଣେ ଫାର୍ମାସିଷ୍ଟ୍ । କିନ୍ତୁ ନିଶା ହେଉଛି ସମାଜର ସେବା । ଏଥିପାଇଁ ନିଜ ଜୀବନକାଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ସେ ୪୦ ଥର ରକ୍ତଦାନ କରିସାରିଛନ୍ତି । ଆଉ ବର୍ତ୍ତମାନ ଅଙ୍ଗଦାନ ପାଇଁ ଘୋଷଣାନାମା କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏମିତି ଜଣେ ନିଆରା ମଣିଷ ହେଉଛନ୍ତି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଠେଙ୍ଗାଧର ଗ୍ରାମର ବାସିନ୍ଦା ଶୁଭକାନ୍ତ ନାୟକ (୪୪) । କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ନାରିଙ୍ଗାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁଭକାନ୍ତ ଜଣେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରନ୍ତି । ଯେକୌଣସି ପରିସ୍ଥିତିରେ ସେ ରୋଗୀଙ୍କୁ ଉଚିତ୍ ସେବା ଯୋଗାଇ ଦେବାକୁ ପ୍ରୟାସ କରିଥାନ୍ତି । ପିଲାଟି ଦିନରୁ ହିଁ ସମାଜସେବା ପ୍ରତି ତାଙ୍କର ଅହେତୁକ ଆଗ୍ରହ ରହିଛି । ଯାହାକୁ ସେ ପ୍ରତି ନାଗରିକର କର୍ତ୍ତବ୍ୟ ବୋଲି କହିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ହେବା ପରେ ସେ ୨୨ ବର୍ଷ ବୟସରୁ ରକ୍ତଦାନ କରିବା ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଅଙ୍ଗଦାନର ମହତ୍ତ୍ୱ କଥା ଶୁଣିବା ପରେ ସେ ଏଥିରେ ଅନୁପ୍ରାଣିତ ହୋଇଥିଲେ । ଆଉ ଗତବର୍ଷ ଜୁଲାଇ ମାସରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କଲେଜ ଆନାଟୋମି ବିଭାଗକୁ ଅଙ୍ଗଦାନ ପାଇଁ ଘୋଷଣା କରିଥିଲେ । ମୃତ୍ୟୁ ପରେ ମୋର ମରଶୀରର ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ଗବେଷଣାରେ ଲାଗିପାରିବ । ଏହାଠୁ ମୋ ପାଇଁ ପୁଣ୍ୟ ଆଉ କିଛି ନୁହେଁ ବୋଲି ଶୁଭକାନ୍ତ କହିଛନ୍ତି । ଏଥିରେ ତାଙ୍କର ପରିବାରବର୍ଗ ବି ସମ୍ମତି ଜଣାଇଥିଲେ । ଶୁଭକାନ୍ତଙ୍କ ପତ୍ନୀ ଓ ୧୧ ବର୍ଷର ଗୋଟିଏ ପୁଅ ଅଛନ୍ତି । ତାଙ୍କର ଏହି ନିଷ୍ପତ୍ତିକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିବା ସହ ଆମେ ଗର୍ବିତ ବୋଲି କହିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧।୪।୨୦୨୪, ଚୈତ୍ର ଦି୧୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୪୧।୧୨ ଚନ୍ଦ୍ରୋଦୟ- ରାଘ୧୨।୨୭।୧୨**

ସପ୍ତମୀ – ରାଘ ୯।୧୦ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର – ରାଘ ୧୧।୧୧ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର –** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୯।୧୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୪ ଗତେ ଘ ୭।୧୫ ମଧ୍ୟେ ଦିଘ ୪।୨୬ ଗତେ ଘ ୫।୦୮ ମଧ୍ୟେ । **ପର୍ବୋତ୍ସବ –** ଉତ୍କଳ ଦିବସ ।



**ମେଷ:** ମାନସିକ ଅସ୍ଥିରତା ଭିତରେ ଗତି କରିବେ । ଅନ୍ୟର ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । ଯାନବାହାନ କ୍ରୟ କରିବାର ସୁଯୋଗ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କ ସାହାଯ୍ୟ ଲୋଡ଼ିବେ । ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ମିଳିବ । ପୁରାତନ ବନ୍ଧୁଙ୍କ ଦର୍ଶନ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଶାନ୍ତି ଲାଭ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ । ଲାଭବାନ୍ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।



**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।



**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିପାରେ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟ ପୂର୍ବ ପରି ସ୍ଥିର ରହିବ ।



**କନ୍ୟା:** ଯାନ ବାହାନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ପର ଉପକାର କରି ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି ।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ ହେବ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।



**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇଯିବ । ତଥାପି ଦିନଟି ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ ।



**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ ବଢ଼ିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାର ଶୁଭଫଳ ମିଳିବ । ଗୁରୁଜନଙ୍କ ଠାରୁ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଅନେକ ଦିନରୁ ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ରୋଜଗାର ବଢ଼ିବ । ମନରେ ଭକ୍ତିଭାବ ଜାଗ୍ରତ ହେବ । ଗୃହେ ସୁଖ ଶାନ୍ତି ଲାଭ ।



**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ । ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨।୪।୨୦୨୪, ଚୈତ୍ର ଦି୨୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୪୦।୨୦ ଚନ୍ଦ୍ରୋଦୟ- ରାଘ୧।୨୩।୦୮**

ଅଷ୍ଟମୀ- ରାଘ ୮।୦୯ ପର୍ଯ୍ୟନ୍ତ । ପୂର୍ବାଷାଢାନକ୍ଷତ୍ର - ରାଘ ୧୦।୪୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର –** ନିଘ ୪/୩୬। **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର , ନିଘ ୪/୩୬ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର, **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର , ନିଘ ୪/୩୬ ଗତେ ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୮/୦୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୭ ଗତେ ଘ ୧୦।୩୬ ମଧ୍ୟେ ଦିଘ ୧।୦୩ ଗତେ ଘ ୧।୨୨ ମଧ୍ୟେ । **ପର୍ବୋତ୍ସବ –** ପର୍ବୋତ୍ସବ ଆରମ୍ଭ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ

କେନ୍ଦ୍ର ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି। ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି। ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ। ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ। ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା। ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ। ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା। ଏନ୍ଏସ୍ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି। ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା। ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ। କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**‘ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା’
କ୍ଷୀରବ୍ଧୀ ତନୟା ରମା ।’**



ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
(କ୍ରମଶଃ)

# ଓଡ଼ିଆ ଅସ୍ମିତାର ପ୍ରତୀକ : ଉତ୍କଳଗୌରବ ମଧୁସୂଦନ (୧)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଅସ୍ମିତାର ପ୍ରତୀକ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି – ଏ ସବୁର ମହନୀୟତା ବଜାୟ ରଖିବା, ଏଥିରେ ତାଙ୍କର ଅବଦାନ ଅବିସ୍ମରଣୀୟ। ଉତ୍କଳ ସମ୍ମିଳନୀ (୧୯୦୩) ମଧୁସୂଦନଙ୍କର ମାନସ ସନ୍ତାନ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ (୧୯୩୬ ଏପ୍ରିଲ ୧)ର ସେ ଅନ୍ୟତମ ମାର୍ଗଦର୍ଶକ। ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ରାଜନୈତିକ ଦୂରଦୃଷ୍ଟି, କଠୋର ସଂଗ୍ରାମ – ଏ ସମସ୍ତର ଅମୃତମୟ ଫଳ, ଓଡ଼ିଶା ହେଲା ସ୍ୱତନ୍ତ୍ର ପ୍ରଦେଶ। ଭାଷାକୁ ନେଇ ଏ ମାଟିଖଣ୍ଡ। ତାହା ଉତ୍କଳ ଇତିହାସର ଏକ ଗୌରବାବହ ଘଟଣା। ଅନୁରୂପ ଭାବରେ ଭାରତ ଇତିହାସରେ ଏହା ସର୍ବପ୍ରଥମ ଉଦାହରଣ। ମଧୁବାବୁ ଆଞ୍ଚଳିକ ଜାତୀୟତାବାଦର ଜନକ, ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ବିନା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ଥିଲା ଅସମ୍ଭବ, ଏହା ଅନସ୍ୱୀକାର୍ଯ୍ୟ।

ଗୋବିନ୍ଦ ବଲ୍ଲଭ ଓରଫ୍ ମଧୁସୂଦନ ଦାସ। କଟକ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଗାଁ ସତ୍ୟଭାମାପୁର। ସେଇ ଗାଁରେ ମଧୁବାବୁଙ୍କ ଜନ୍ମ (୧୮୪୮)। କଲିକତାରେ ଏଫ୍.ଏ. ଅଧ୍ୟୟନ ସମୟ। ମଧୁବାବୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କଲେ। ଖ୍ରୀଷ୍ଟିୟାନ ହୋଇ ମଧ୍ୟ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ପ୍ରୀତି ତାଙ୍କର ଅତୁଳନୀୟ। ତାଙ୍କର ଜନ୍ମ ଜାତିର ଏକ ସନ୍ଧିକ୍ଷଣରେ। ଓଡ଼ିଆ ଭାଷୀମାନେ ମଧ୍ୟଯୁଗରୁ ଆଧୁନିକ ଯୁଗ ମୁହାଁ। କବିସୂର୍ଯ୍ୟ ବଳଦେବ ରଥଙ୍କ ମୃତ୍ୟୁ। ରୀତିଯୁଗର ଅନ୍ତ, ଆରମ୍ଭ ହେଲା ନବଜାଗରଣ। ଫିରିଙ୍ଗି ଶାସନ ବିରୋଧୀ ମନୋଭାବ। ଜାତୀୟତାବାଦ ଶୀର୍ଷ ଛୁଇଁଲା। ପାଇକ ବିଦ୍ରୋହ (୧୮୧୭) ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏଥିରେ ଓଡ଼ିଶାବାସୀଙ୍କ ଅପୂର୍ବ ତ୍ୟାଗ, ସାହସ, ସଂଗ୍ରାମୀ ମନୋଭାବ ପ୍ରଶଂସନୀୟ। ମା’-ମାଟି-ଭାଷା ଆର୍ଦ୍ର ଓଡ଼ିଶାବାସୀ। ଏଭଳି ଏକ ଅପୂର୍ବ ଜନଜାଗରଣ, ସମୟକ୍ରମେ ପ୍ରଭାବିତ ହେଲେ ବହୁ ଜାତିପ୍ରେମୀ। ତନ୍ମଧ୍ୟରେ ମଧୁସୂଦନଙ୍କ ନାମୋଲ୍ଲେଖ ଯୋଗ୍ୟ।

ମଧୁବାବୁ ଖୁବ୍ ବିଦ୍ୱାନ। କଲିକତାରେ ତାଙ୍କ ଛାତ୍ର ଜୀବନ। ଦୁଃଖ ଦୈନ୍ୟର ତାଡ଼ନା। ଖୀରସ୍ତାନ ମିଶନାରୀ, ସେମାନଙ୍କ ଠାରୁ ସାହାଯ୍ୟ ଗ୍ରହଣ କଲେ। ୧୮୭୦ ମସିହାରେ ବି.ଏ., ୧୮୭୩ରେ ଏମ୍.ଏ., ୧୮୭୮ରେ ବି.ଏଲ୍. ପାଶ୍ କଲେ। ତା’ ପରେ ଦୁଇ ତିନି ବର୍ଷ ଓକିଲାତି। ସେ କଲିକତା ଉଚ୍ଚ ନ୍ୟାୟାଳୟରେ ଓକିଲାତି କଲେ। କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀ। ସେ ବି ମଧୁବାବୁଙ୍କର ଛାତ୍ର। ମଧୁବାବୁ କଟକରେ ଓକିଲାତି ଆରମ୍ଭ କଲେ (୧୮୮୧)। ଜଣେ ସ୍ୱନାମଧନ୍ୟ ଅଧିବକ୍ତାଭାବେ ଢେର୍ ନାଁ କମେଇଲେ। ଓକିଲାତି ତାଙ୍କ ପାଇଁ ଜନତାଙ୍କ ସେବା। ଲାଞ୍ଚ, ମିଛ, ଷଡ଼ଯନ୍ତ୍ରର ସେ ଉର୍ଦ୍ଧ୍ୱରେ, ଅସାଧୁ ମହକିଲମାନେ ତାଙ୍କ ଦ୍ୱାର ମାଡୁନଥିଲେ। ପଇସାର ମୋହ ତାଙ୍କର ନ ଥିଲା। ନିଜର ସ୍ୱାଭିମାନ ସହିତ କେବେ ବି ସାଲିସ କରି ନ ଥିଲେ। ସେଇଥି ପାଇଁ ଜନମାନସରେ ସେ ଅତି ପ୍ରିୟ ‘ମଧୁବାବୁ’।

ଧର୍ମ ପ୍ରାଣ ଓଡ଼ିଆଏ। ସେମାନଙ୍କ ଆରାଧ୍ୟ ଦେବତା ଜଗତର ନାଥ ‘ଶ୍ରୀଜଗନ୍ନାଥ’। ଓଡ଼ିଶାର ଠାକୁର ରାଜା, ଛାମୁଙ୍କର ଚଳନ୍ତି ପ୍ରତିମା। ତାଙ୍କୁ ସେବାରୁ ବଞ୍ଚିତ କରିବାର ଫିରିଙ୍ଗି ଶାସକଙ୍କ ଅପଚେଷ୍ଟା। ରାଜମାତା ସୂର୍ଯ୍ୟମଣି ପାଟ ମହାଦେଈ। ସରକାରଙ୍କ ବିରୋଧରେ ଲଢ଼ିଲେ। ନାବାଳକ ରାଜା ମୁକୁନ୍ଦଦେବ। ପୁରୀ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ରୂପେ ସ୍ୱୀକୃତି ପାଇବେ – ଏ ଥିଲା ରାଜମାତାଙ୍କ ପ୍ରୟାସ। ଏ କ୍ଷେତ୍ରରେ ସେ ଲୋଡ଼ିଲେ ମଧୁସୂଦନଙ୍କ ସାହାଯ୍ୟ। କାହାରି କାହାରି ମଧ୍ୟରେ ଚର୍ଚ୍ଚା। ମଧୁସୂଦନ ଖୀରସ୍ତାନ; ହୁଏତ ନ ଲଢ଼ି ପାରନ୍ତି ମହାରାଣୀଙ୍କ ସପକ୍ଷରେ। ଏହାର କାରଣ ଶ୍ରୀଜଗନ୍ନାଥ ହିନ୍ଦୁ ଦେବତା। ମଧୁସୂଦନ ଉଦାରମନା, ନଥିଲେ ଧର୍ମାନ୍ଧ। ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା, ହିନ୍ଦୁମାନଙ୍କର ଆରାଧ୍ୟ ଦେବତା। ଜଗନ୍ନାଥଙ୍କ ସହ ଓଡ଼ିଆ ଜାତିର ଆବେଗିକ ସମ୍ପର୍କ। ସେଠି ଜାତି ଧର୍ମ ଗୌଣ। ଏହା ଥିଲା ମଧୁବାବୁଙ୍କର ଉନ୍ନତ ଚିନ୍ତାଧାରା। ସେ କେଶ୍ ଲଢ଼ିଲେ, ନିମ୍ନ ଅଦାଲତ ମୁକୁନ୍ଦଦେବଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କଲା। ମଧୁବାବୁ ଉଚ୍ଚ ନ୍ୟାୟାଳୟ (କଲିକତା)ରେ ଅପିଲ କଲେ। ମଧୁବାବୁଙ୍କ ଟିପ୍ପଣୀ ସହ ସଂକ୍ଷିପ୍ତ ବିବରଣୀ। ଏହାକୁ ଭିତ୍ତିକରି ଆଉଜଣେ ବାରିଷ୍ଟର ମକଦ୍ଦମା ଲଢ଼ିଲେ। ନିମ୍ନ ଅଦାଲତର ରାୟ ଖାରଜ ହେଲା, ଇଂରେଜ ସରକାର ରାଜା ମୁକୁନ୍ଦଦେବଙ୍କ ସହ ଏକ ଚୁକ୍ତି ସ୍ୱାକ୍ଷର କଲେ। ପୁରୀ ରାଜାଙ୍କୁ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ରୂପେ ସ୍ୱୀକୃତି ମିଳିଲା। ଏ ଥିଲା ଠାକୁର ରାଜାଙ୍କ ବିଜୟ, ସମଗ୍ର ଓଡ଼ିଆ ଜାତିର ବିଜୟ। ସମସ୍ତ ଶ୍ରେୟ ବାରିଷ୍ଟର ମଧୁବାବୁଙ୍କର, ତାଙ୍କ ପରି ଜଣେ ଧୂରୀଣ ଅଧିବକ୍ତା; ସେ ସମୟରେ କ୍ୱଚିତ୍ ଥିଲେ। ସେଇଥିପାଇଁ ଏବେବି ଲୋକମୁଖରେ, “ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁଙ୍କ ସହ ଲଢ଼ିବି।” ମଧୁବାବୁ ଜଣେ ଅପରାଜେୟ ବ୍ୟକ୍ତିତ୍ୱ, ତାଙ୍କ ସମକକ୍ଷ ହେବା ଓଡ଼ିଆ ପୁଅର ଲକ୍ଷ୍ୟ, ଏ ଯୁଦ୍ଧର ସାଜସରଞ୍ଜାମ, ଖଣ୍ଡା ତଲୱାରର ନୁହେଁ, ଏ ଯୁଦ୍ଧ ମସ୍ତିଷ୍କର, ବୁଦ୍ଧି, ପ୍ରତ୍ୟୁତ୍ପନ୍ନମତିତାର ପ୍ରସଙ୍ଗ। ସତରେ ! ମଧୁ ବାରିଷ୍ଟର ହିଁ ମଧୁ ବାରିଷ୍ଟର। ତାଙ୍କର ପରିଚୟ ସେ ହିଁ ନିଜେ। ତାଙ୍କର ଖ୍ୟାତି କେବଳ ଜଣେ ଲବ୍ଧପ୍ରତିଷ୍ଠ ବାରିଷ୍ଟର ଭାବେ ନଥିଲା ସୀମିତ, ଓଡ଼ିଆ ଜାତିର ଗତଗୌରବ, ହୃତ ଗୌରବ, ମୃତଗୌରବଙ୍କୁ ଫେରାଇ ଆଣିବା – ଏ ସଂକଳ୍ପକୁ ସେ ସାକାର କଲେ। ଓଡ଼ିଆଙ୍କ ମଧ୍ୟରେ ସ୍ୱାଭିମାନର ଉଦ୍ରେକ ପାଇଁ ସେ ବ୍ରତୀ ହେଲେ।

୧୮୬୬ ମସିହାର ନ’ଅଙ୍କ ଦୁର୍ଭିକ୍ଷ। ଧ୍ୱସ୍ତବିଧ୍ୱସ୍ତ ଓଡ଼ିଶାର ଆର୍ଥନୀତିକ ସ୍ଥିତି। ଆରପଟେ କେତେକ ନ୍ୟସ୍ତସ୍ୱାର୍ଥ ସମ୍ବଳିତ ବଙ୍ଗାଳୀଙ୍କ ହୀନ ଚକ୍ରାନ୍ତ। ଓଡ଼ିଆ ଭାଷା ବଙ୍ଗଳାର ଉପଭାଷା – ଏ କଥା କହିଲେ। ଏହାର ବିଲୋପ ପାଇଁ ଅଣ୍ଟା ଭିଡ଼ିଲେ। ଆରମ୍ଭ ହେଲା ଭାଷା ସୁରକ୍ଷା ଆନ୍ଦୋଳନ। ପୁରୋଭାଗରେ ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ, ରାଜା ବୈକୁଣ୍ଠନାଥ ଦେ, ବିଶିଷ୍ଟ ଐତିହାସିକ ପ୍ୟାରୀମୋହନ ଆଚାର୍ଯ୍ୟ, ନାଟ୍ୟକାର ରାମଶଙ୍କର ରାୟ, କବିବର ରାଧାନାଥ ରାୟ ପ୍ରଭୃତି। ଶେଷରେ ଚକ୍ରାନ୍ତକାରୀଙ୍କ ଉଦ୍ୟମ ପଣ୍ଡ ହେଲା। ଓଡ଼ିଆ ସରକାରୀ ଭାଷାର ମାନ୍ୟତା ପାଇଲା। ଭାଷା ବିରୋଧୀ ଆନ୍ଦୋଳନ ସ୍ୱତଃ ବନ୍ଦ ହେଲା (୧୮୭୦)। ଇତି ମଧ୍ୟରେ ଓଡ଼ିଆମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଲା, ଭାଷାସୂତ୍ରେ ନିଜକୁ ଏକତ୍ରୀତ କରିବା, ବୃତ୍ତି, ଅନ୍ୟାନ୍ୟ ସ୍ୱାର୍ଥ ନେଇ ଅନୁଷ୍ଠାନ ଗଠନ କରିବା – ଏ ଥିଲା ଊନବିଂଶ ଶତାବ୍ଦୀରେ ଓଡ଼ିଆ ସମାଜର ନୂତନ ପରିପ୍ରକାଶ। ଏଇ କାଳଖଣ୍ଡ, ତା’ରି ମଧ୍ୟରେ ସୃଷ୍ଟିହେଲା ବହୁ ରାଜନୀତିକ ସଂଗଠନ, ଗୋଟେ କଥାରେ କହିଲେ ନବଜାଗରଣ ପର୍ବର ଅୟମାରମ୍ଭ। ଆବିର୍ଭାବ ହେଲା ବହୁ ସ୍ୱାଧୀନଚେତା, ସଂସ୍କାରଧର୍ମୀ ସାହିତ୍ୟିକ, ଭାବୁକଙ୍କର। ଓଡ଼ିଆ ଜାତିକୁ ଗଢ଼ିବାରେ ପଥ ସୁଗମ ହେଲା। ସେଇ ସବୁ ସ୍ୱନାମଧନ୍ୟ ଜାତିପ୍ରେମୀଙ୍କ ମଧ୍ୟରେ ମଧୁସୂଦନ ଦାସ ସର୍ବାଗ୍ରେ। ବିକ୍ଷିପ୍ତ ଓଡ଼ିଶାକୁ ଏକତ୍ରୀକରଣ କରିବା ପାଇଁ ହେଲେ ବଦ୍ଧପରିକର। ଓଡ଼ିଆ ଜାତିର ଅପ୍ରତିଦ୍ୱନ୍ଦ୍ୱୀ ନେତା, ଆଉ ଇତିହାସର ନିୟାମକ (୧୮୮୦-୧୯୩୪) ଥିଲେ ମଧୁବାବୁ। ତାଙ୍କ ବିନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଅକଳ୍ପନୀୟ – ଏହା ଏକ ସାର୍ବଜନୀନ ସତ୍ୟ।

ଭାରତୀୟ ଜାତୀୟ କଂଗ୍ରେସ ଏକ ସର୍ବଭାରତୀୟ ଅନୁଷ୍ଠାନ। ଏହାର କାର୍ଯ୍ୟକ୍ଷମତା ଉପରେ ମଧୁସୂଦନଙ୍କର ଦୃଢ଼ ଆସ୍ଥା। ଓଡ଼ିଶାର ସ୍ୱାର୍ଥରକ୍ଷା, ଏଥିପାଇଁ ସେ କଂଗ୍ରେସର ବିଭିନ୍ନ ଅଧିବେଶନରେ ଯୋଗ ଦେଉଥିଲେ। ଓଡ଼ିଶା ବଙ୍ଗ ପ୍ରଦେଶର ଏକ କ୍ଷୁଦ୍ର ଡିଭିଜନ। ବଙ୍ଗୀୟ ପ୍ରତିନିଧିମାନଙ୍କର ଓଡ଼ିଶାକୁ ଅଣଦେଖା, ତାହା ଦୁର୍ଭାଗ୍ୟଜନକ। ଦକ୍ଷିଣ ଓଡ଼ିଶା, ମାନ୍ଦ୍ରାଜ ଅଧୀନରେ, ସେହିପରି ସମ୍ବଲପୁର ନାଗପୁର ଅଧୀନରେ ଶାସିତ। ଓଡ଼ିଆମାନେ ନିଜସ୍ୱ ରାଜନୈତିକ ସତ୍ତାରହିତ। ମନମରା ମଧୁସୂଦନ। ଓଡ଼ିଶାର ସମସ୍ୟା ଓଡ଼ିଶାରେ ଆଲୋଚିତ ହେବ, ଏ ସମ୍ବନ୍ଧୀୟ ପ୍ରସ୍ତାବମାନ ଓଡ଼ିଶାରେ ଗୃହୀତ ହେବ – ଏଇ ଆବଶ୍ୟକତାକୁ ଉପଲବ୍ଧି କଲେ। ଜାତୀୟ କଂଗ୍ରେସରୁ ତାଙ୍କ ଆସ୍ଥା ତୁଟିଲା। କଂଗ୍ରେସର ବିକଳ୍ପ ଖୋଜିଲେ, ଓଡ଼ିଆ ଭାଷୀ ଅଞ୍ଚଳ ରାଜା, ମହାରାଜା, ଜମିଦାର, ଶିକ୍ଷିତ ସମ୍ପ୍ରଦାୟ – ଏମାନଙ୍କୁ ନିବେଦନ କଲେ। ଓଡ଼ିଆ ଜାତି ଆଉ ଭାଷା, ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି, ଏଥି ପାଇଁ ଲୋଡ଼ା ଏକ ରାଜନୈତିକ ଅନୁଷ୍ଠାନ – ଏ ପରିକଳ୍ପନାକୁ ସାକାର କରିବା ପାଇଁ ଉଦ୍ୟମ ଜାରି ରଖିଲେ।

ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ, ବିଂଶ ଶତାବ୍ଦୀର ପ୍ରଥମ ଭାଗ – ଏଇ ସମୟ ମଧ୍ୟରେ ଓଡ଼ିଶାରେ ଅଭୂତପୂର୍ବ ଜନଜାଗରଣ। ଓଡ଼ିଆମାନେ ନିଜ ପରିଚୟ ସଚେତନ ହେବା – ଏହା ଏକ ଉଲ୍ଲେଖଯୋଗ୍ୟ ଘଟଣା। ଏ ଥିଲା ନବ ଓଡ଼ିଶା ନିର୍ମାଣର ପ୍ରଥମ ପର୍ଯ୍ୟାୟ। ବହୁ ଶିକ୍ଷିତ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର ଅବଦାନ ଏ କ୍ଷେତ୍ରରେ ଅବିସ୍ମରଣୀୟ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ, ଏଥିରେ ମଧୁବାବୁଙ୍କ ନିଷ୍ଠା, ପରାକାଷ୍ଠା ଉଚ୍ଚ ପ୍ରଶଂସନୀୟ। ସେ ଉଭୟ ଶିକ୍ଷିତ ଗୋଷ୍ଠୀ, ବିଭିନ୍ନ ରାଜନୀତିକ ଅନୁଷ୍ଠାନ – ଏହାର ସହଯୋଗ ଲୋଡ଼ିଲେ। ଗଠିତ ହେଲା ଏକ ରାଜନୀତିକ ଅନୁଷ୍ଠାନ ‘ଉତ୍କଳ ସମ୍ମିଳନୀ’। ବିଂଶ ଶତାବ୍ଦୀର ପ୍ରଥମ ଚାଳିଶ ବର୍ଷ। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି – ଉତ୍କଳ ସମ୍ମିଳନୀ ମାଧ୍ୟମରେ ହାସଲ ହେଲା। ଏଥିରେ ମଧୁବାବୁଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେ ପାଲଟିଲେ ଏକ ମହାନ – ଐତିହାସିକ ବ୍ୟକ୍ତି।

ଉତ୍କଳ ସମ୍ମିଳନୀ ଗଠନର ପୂର୍ବାବସ୍ଥା ଉତ୍କଳସଭା (୧୮୮୨), ମଧୁସୂଦନ ଏହାର ସଦସ୍ୟ। ଓଡ଼ିଶାର ସ୍ୱାର୍ଥରକ୍ଷା, ଏ ଦିଗରେ ଏ ସଭାର ଅବଦାନ ମଧ୍ୟ ଅବିସ୍ମରଣୀୟ। ମଧୁବାବୁଙ୍କ ସହ ଗୌରୀଶଙ୍କର ରାୟ – ଏ ଦୁଇଜଣ ଉତ୍କଳ ସଭାର ମୁଖ୍ୟ ସଦସ୍ୟ। ମଧୁବାବୁ ପ୍ରାରମ୍ଭରୁ ଏହାର ସଭାପତିଥିଲେ; ମାତ୍ର ଓଡ଼ିଶାର ବିଭିନ୍ନ ବର୍ଗର ଜନସାଧାରଣ, ଏମାନଙ୍କୁ ଏକଜୁଟ କରିବା ଏକାନ୍ତ ବାଞ୍ଛନୀୟ। ଓଡ଼ିଶାର ସମସ୍ୟା ସମାଧାନ, ଏଥିପାଇଁ ଏକ ବ୍ୟାପକ ରାଜନୀତିକ ଅନୁଷ୍ଠାନ ଆବଶ୍ୟକ। ଏହି ଚିନ୍ତାଧାରାରୁ ଜନ୍ମନେଲା ଉତ୍କଳ ସମ୍ମିଳନୀ (୧୯୦୩)। ୨୫ ଅକ୍ଟୋବର ୧୯୦୩ ମସିହା, ମଧୁସୂଦନ ସଭାଟିଏ ଡାକିଲେ। ସ୍ଥାନ କଟକ କନିକା କୋଠି। କେତେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଏହି ସଭାରେ ଯୋଗଦେଲେ। କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ପ୍ରସ୍ତାବ ରଖିଲେ, କେଉଁଝରର ରାଜା ସଭାପତିତ୍ୱ କଲେ। ମଧୁବାବୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କଲେ। ଅନ୍ୟାନ୍ୟ ସମସ୍ୟା ସହ, ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ – ଏ ଦିଗରେ ପଦକ୍ଷେପମାନ ନିଆଯିବ, ତାହା ଥିଲା ମଧୁବାବୁଙ୍କ ବକ୍ତବ୍ୟର ମୁଖ୍ୟାଂଶ, ସେଇଦିନ ଠାରୁ ଉତ୍କଳ ସମ୍ମିଳନୀ ପଛକୁ ଫେରିଚାହିଁନି।

ଓଡ଼ିଆ ଜାତିର ବୃହତ୍ତର ସ୍ୱାର୍ଥ ହାସଲ ସମ୍ମିଳନୀର ମୂଳଲକ୍ଷ୍ୟ। ତନ୍ମଧ୍ୟରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ, ରେଭେନ୍ସା କଲେଜରେ ବି.ଏ., ଏମ୍.ଏ. ଶ୍ରେଣୀ ଖୋଲିବା, ବୈଷୟିକ ଶିକ୍ଷା, ଗଣଶିକ୍ଷା, ନାରୀଶିକ୍ଷା ପାଇଁ ସ୍ୱତନ୍ତ୍ର ଅନୁଦାନ, ବିଜ୍ଞାନ, କାରିଗରୀ ବିଦ୍ୟାର ପ୍ରସାର, କୃଷିବିଜ୍ଞାନ ତାଲିମ କେନ୍ଦ୍ର, ଭାଇସ୍‌ରୟଙ୍କ କେନ୍ଦ୍ର ପରିଷଦରେ ଓଡ଼ିଆ ସଦସ୍ୟ ମନୋନୟନ, ଖୋରଧା ସମ୍ବଲପୁର ମଧ୍ୟରେ ରେଳପଥ ନିର୍ମାଣ, ସର୍ବୋପରି ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ – ଏସବୁ ଥିଲା ସମ୍ମିଳନୀର ଆଭିମୁଖ୍ୟ। ବିଭିନ୍ନ ଅଧିବେଶନରେ ଏ ଦିଗରେ ପ୍ରସ୍ତାବମାନ ଗୃହୀତ ହେଲା। ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ ହେଲା। (କ୍ରମଶଃ)

# ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ଶିଖରରେ ପହଞ୍ଚିପାରିଛି



ପ୍ରଦୀପ ସେନାପତି
ସାମନ୍ତରାପୁର,
ଭୁବନେଶ୍ୱର-୨,
ମୋ : ୭୮୪୮୮୯୮୪୫୬

୧୯୩୬ ମସିହା ଅପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରଠାରୁ ଦୀର୍ଘ ୮୮ ବର୍ଷର ଯାତ୍ରା ପଥରେ ରାଜ୍ୟର ସର୍ବାଙ୍ଗୀନ ବିକାଶ ପରିଲକ୍ଷିତ ହୋଇଛି। ନିର୍ଦ୍ଦିଷ୍ଟ ଭାବେ ଆମ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଆନ୍ତର୍ଜାତୀୟ ସ୍ତରରେ ନେତୃତ୍ୱ ବହନ କରିଛି। ଏଣୁ ଓଡ଼ିଶାରେ ଆଜି ପରମ୍ପରା ଏବଂ ଆଧୁନିକତାର ଏକ ବିରଳ ସମନ୍ୱୟ ଘଟିଛି। ଏହି ପବିତ୍ର ଭୂମି ଆମର ଇତିହାସ, ପୁରାଣଶାସ୍ତ୍ର ଓ ଆଧ୍ୟାତ୍ମିକ ଶକ୍ତି ନିମନ୍ତେ ବିଶ୍ୱ ପ୍ରସିଦ୍ଧିଲାଭ କରିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହା ଦେଶର ପ୍ରଥମ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନର ମୂଳ ଦୁଆ ପକାଇଥିଲା। ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଗଙ୍ଗାଧର ମେହେର ଓ ଫକୀରମୋହନ ସେନାପତିଙ୍କ ଅବଦାନକୁ ଏ ଜାତି ସବୁଦିନ ସ୍ମରଣ ରଖିବ। ଆମ ପାଇଁ ଏହି ଗୌରବ ଆଣିଦେଇଥିବା ଓଡ଼ିଶା ମାଆର ବରପୁତ୍ରମାନଙ୍କ ପ୍ରତି ଏହି ପବିତ୍ର ଦିବସ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଚଳିତବର୍ଷ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୮ ବର୍ଷ ପାଳନ କରୁଅଛୁ। ୧୯୩୬ ରୁ ୨୦୨୪ ଏହି ୮୮ ବର୍ଷ ମଧ୍ୟରେ ଓଡ଼ିଆ ଜାତି ଅନେକ ସଫଳତା ପାଇଛି। ଅନେକ କଠିନ ପରିସ୍ଥିତିର ମୁକାବିଲା ମଧ୍ୟ କରିଛି। ୧୯୪୭ରେ ଦେଶ ସ୍ୱାଧୀନ ହେଲା ଗଡ଼ଜାତ ରାଜ୍ୟସବୁ ଭାରତରେ ମିଶି ଅଖଣ୍ଡ ଭାରତବର୍ଷ ଗଠନର ରୂପ ନେଲା। ଏଥିରେ ମଧ୍ୟ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କଲା। ନୂଆ ବ୍ୟବସ୍ଥା, ନୂଆ ସମ୍ବିଧାନ ଓ ବିକାଶ ଯୋଜନାରେ ଦେଶ ଆଗକୁ ବଢ଼ିଲା। ଓଡ଼ିଶା ମଧ୍ୟ ଏହି ବିକାଶ ଯାତ୍ରାରେ ନିଜକୁ ସଫଳ ଭାବରେ ଆନ୍ତର୍ଜାତିକ ସ୍ତରରେ ସାମିଲ କରିପାରିଛି। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟମାନ୍ୟତା ଲାଭ କରିପାରିଛି। ଓଡ଼ିଆ ଲେଖକମାନେ ସେମାନଙ୍କ କୃତୀ ଦ୍ୱାରା ଭାରତର ସାରସ୍ୱତ ଜଗତର ଗୌରବ ବୃଦ୍ଧି କରିଛନ୍ତି। ଓଡ଼ିଆ ଖେଳାଳୀମାନେ ଦେଶର ସୁନାମ ବଢ଼ାଇଛନ୍ତି। ଓଡ଼ିଆ ପିଲାମାନେ ସେମାନଙ୍କ ପ୍ରତିଭା ଦ୍ୱାରା ଦେଶକୁ ଗର୍ବିତ କରୁଛନ୍ତି। ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ଲୋକକଳା ଆଜି ଦେଶ ବିଦେଶରେ ଓଡ଼ିଆ ଜାତିପାଇଁ ପ୍ରସିଦ୍ଧି ଆଣିଦେଇଛି। ଅତୀତର ସମୃଦ୍ଧି ଓ ବୀରତ୍ୱର ଗାଥା ଏକ ଅପୂର୍ବ ସମ୍ମିଶ୍ରଣ ସହ ବର୍ତ୍ତମାନର ବିକାଶ ଓ ସଶକ୍ତିକରଣ ଦିଗରେ ଉଦ୍ୟମ ଆମମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରି ଗଢ଼ିତୋଳିଛି। ସୁଦୂର ଦେଶମାନଙ୍କ ସହ ଆମର ନୌବାଣିଜ୍ୟ ସମ୍ପର୍କ, ସମୟ ପ୍ରବାହରେ ଆଧ୍ୟାତ୍ମିକ ଓ ନୈତିକ ଜୟଯାତ୍ରା ଏବଂ ସଦ୍‌ଭାବ ଓ ମାର୍ମିକ ସୃଜନଶୀଳତାର ଅନନ୍ୟ ଐତିହ୍ୟ ସମ୍ପର୍କରେ ଆମକୁ ଧାରଣା ଦେଇଥିବା ଓଡ଼ିଶା ହେଉଛି ଗୌରବମୟ ଐତିହ୍ୟ ଏବଂ ସମୃଦ୍ଧି, ସାଂସ୍କୃତିକ ପରମ୍ପରାର ଅଧିକାରୀ। ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ ଅନ୍ତର୍ଜାତୀୟ କ୍ଷେତ୍ରରେ ଏହାର ପ୍ରସାର ଦିଗରେ ଓଡ଼ିଶାର ଅବଦାନ ବାସ୍ତବିକ ଅତୁଳନୀୟ। ସମଗ୍ର ବିଶ୍ୱ ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାଦ୍ୱାରା ପରିଚାଳିତ। ବିକାଶ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଓଡ଼ିଶା କ୍ଷେତ୍ରରେ ମଧ୍ୟ ଅନୁଭୂତ ହୋଇଛି। ଯାହା ଆମର ଜୀବନଧାରଣ ମାନରେ ଏକ ସକରାତ୍ମକ ପ୍ରଭାବ ପକାଇବା ସହ ସାମାଜିକ ଏବଂ ଅର୍ଥନୈତିକ ସମସ୍ୟାଗୁଡ଼ିକୁ ସମାଧାନ କରିବା ଦିଗରେ ସହାୟକ ହୋଇପାରିଛି। ଏଣୁ ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଯୁକ୍ତି ଶିକ୍ଷା ଏବଂ ବାଣିଜ୍ୟକେନ୍ଦ୍ର ରୂପେ ପରିଗଣିତ ହୋଇଛି। ପୁଞ୍ଜିନିବେଶ ଏବଂ ସହଜ ବ୍ୟବସାୟ କରିପାରିବାର ଭିତ୍ତିଭୂମି ସୃଷ୍ଟି କରିବାରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ୨୦୧୫ ମସିହାରେ ପ୍ରଣୀତ ନୂତନ ଶିଳ୍ପନୀତି ସହ ରାଜ୍ୟ ସରକାର ୨୦୨୫ ମସିହା ସୁଦ୍ଧା ୨.୨୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ ଏବଂ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରଖି ଓଡ଼ିଶା ଶିଳ୍ପ ବିକାଶ ଯୋଜନା ୨୦୨୫ ପ୍ରଣୟନ କରିଛନ୍ତି। ଓଡ଼ିଶାରେ ମୋବାଇଲ ଆପର ଶୁଭାରମ୍ଭ, ଅନଲାଇନ୍ ତଦାରଖ ବ୍ୟବସ୍ଥା ଏବଂ ଲ୍ୟାଣ୍ଡ ବ୍ୟାଙ୍କ ପରି ଓଡ଼ିଶାରେ ଶିଳ୍ପ ସଂସ୍କାର ସମଗ୍ର ବିଶ୍ୱରେ ଉଚ୍ଚ ପ୍ରଶଂସିତ ହୋଇପାରିଛି। ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଦେଶର ନଂ୧ମ୍ବର ସ୍ମାର୍ଟ ସିଟି ରୂପେ ବିବେଚିତ ହୋଇଛି। ବିଶ୍ୱ ଦରବାରକୁ ଭୁବନେଶ୍ୱରର ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଉଡ଼ାଣ ଆରମ୍ଭ ହୋଇଛି। ଏହି ସରକାର ଓଡ଼ିଶାର ଅନନ୍ୟ ସାଂସ୍କୃତିକ ଧାରାର ସୁରକ୍ଷା ଏବଂ ବିକାଶ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିକାଶ ନିମନ୍ତେ ପ୍ରତିଶୃତିବଦ୍ଧ ଏବଂ ଭର୍ଚ୍ୟୁଆଲ ଓଡ଼ିଆ ୟୁନିଭରସିଟି ପ୍ରତିଷ୍ଠା ସମେତ ରାଜ୍ୟ ସରକାର ମଧ୍ୟ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ପ୍ରଦେଶ ଗଠନ ୮୮ ବର୍ଷରେ ଉପନୀତ ହୋଇଥିବା ଓଡ଼ିଶା ଆଜି ନିରନ୍ତର ବିକାଶ ଏବଂ ଏହାର ଜନସାଧାରଣଙ୍କ ସଶକ୍ତିକରଣ କ୍ଷେତ୍ରରେ ସଫଳ ହୋଇପାରିଛି। ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ବର୍ଷ ପୂର୍ତ୍ତି ଅବସରରେ ସାମଗ୍ରିକ ଅଭିବୃଦ୍ଧିର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ସରକାର ରଖିଛନ୍ତି ଏବଂ ଯୋଜନାବଦ୍ଧ ଅଭିବୃଦ୍ଧି କାର୍ଯ୍ୟକ୍ରମ “ଭିଜନ - ୨୦୩୬” ପ୍ରସ୍ତୁତି ନିମନ୍ତେ ଓଡ଼ିଶାର ଅଭିଜ୍ଞ, ଦକ୍ଷ ଏବଂ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ବିଶେଷଙ୍କର ସହଯୋଗ କାମନା କରୁଛନ୍ତି। ଆଜିର ଏହି ପବିତ୍ର ଦିବସ ଅବସରରେ ଆସନ୍ତୁ ଆମ ମାତୃଭୂମିର ଟେକ ବଜାୟ ରଖିବା, ମାତୃଭାଷାର ସମ୍ମାନକୁ ବଜାୟ ରଖିବା ଏବଂ ଆମ୍ଭର ସହଭାଗୀ ଓ ମାତୃଭୂମିର ସେବା ସହ ନିଃସ୍ୱାର୍ଥପର କାର୍ଯ୍ୟକଳାପ ଦ୍ୱାରା ଆମ୍ଭର ସଂସ୍କୃତି ଏବଂ ଐତିହ୍ୟ ସମୃଦ୍ଧି କରିବା ନିମନ୍ତେ ସଂକଳ୍ପବଦ୍ଧ ହେବା। ଏଣୁ ଏହି ପରିପ୍ରେକ୍ଷୀରେ ଆଜିର ଏହି ପବିତ୍ର ଓଡ଼ିଶା ଦିବସର ଶୁଭ ଅବସରରେ ଓଡ଼ିଶାବାସୀଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ବନ୍ଦେ ଉତ୍କଳ ଜନନୀ ।

# ଚିର ବନ୍ଦନୀୟା ମୋ ଓଡ଼ିଶା



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ-୯୮୫୩୩୫୦୩୮୪

ଊନବିଂଶ ଶତାବ୍ଦୀରେ ଯେତେବେଳେ ଉତ୍କଳ ଜନନୀ ଛିନ୍ନ ଛିନ୍ନ ହୋଇ ପରିତ୍ୟକ୍ତା ହୋଇ ନିଜର ସ୍ୱତନ୍ତ୍ରତା ହରାଇ ଉତ୍କଳର ବହୁ ଅଞ୍ଚଳ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଥିଲା ଏବଂ ଓଡ଼ିଆ ଭାଷା ତାର ସ୍ୱାଭିମାନକୁ ହରାଇ ଲୁପ୍ତ ହେବାକୁ ବସିଥିଲା ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ନିଳମଣି ବିଦ୍ୟାରତ୍ନ, ମହାରଣା କୃଷ୍ଣଚନ୍ଦ୍ର ଗଜପତି, ନାରାୟଣ ଦେଓ ଆଦି ବ୍ୟକ୍ତି ବିଶେଷଙ୍କୁ ଏହି ଘଟଣା ଖୁବ୍ ବ୍ୟଥିତ କରିଥିଲା। ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇବା ପାଇଁ ଆପ୍ରାଣ ଉଦ୍ୟମ କରି ଶେଷରେ ଦୃଢ଼ସଂକଳ୍ପବଦ୍ଧ ହୋଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାକୁ ସକ୍ଷମ ହୋଇଥିଲେ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସହିତ ଓଡ଼ିଆମାନଙ୍କର ଦୁର୍ଦ୍ଦିନ ଆରମ୍ଭ ହୋଇଯାଇଥିଲା। ୧୮୦୩ ରୁ ୧୯୦୩ ଦୀର୍ଘ ଶହେ ବର୍ଷ ଧରି ଓଡ଼ିଆ ଭାଷା କ୍ରମଶଃ ଅବକ୍ଷୟ ପଥରେ ଗତି କରିଥିଲା। ୧୮୪୮-୪୯ ମସିହାରେ ବଙ୍ଗଳାକୁ ସରକାରୀ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରାଗଲା। ଓଡ଼ିଶାର ବିଭିନ୍ନ ଉଚ୍ଚପଦବୀ ଅଳଙ୍କୃତ କରିଥିବା ବଙ୍ଗାଳୀମାନେ ଏହାର ସୁଯୋଗ ନେଇ ଓଡ଼ିଶାରୁ ଓଡ଼ିଆ ଭାଷା ବିଲୋପ ପାଇଁ ସତତ ଚେଷ୍ଟିତ ହେଲେ। ପୁନଶ୍ଚ ବାଲେଶ୍ୱର ଜିଲ୍ଲା ସ୍କୁଲର ଜନୈକ ସଂସ୍କୃତ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଥିଲେ ଯେ ‘ଉଡ଼ିୟା ଏକ ସ୍ୱତନ୍ତ୍ର ଭାଷା ନୟ’ (ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ) ଏବଂ ଓଡ଼ିଆ ଭାଷା ବଙ୍ଗଳା ଭାଷାର ଏକ ଉପଭାଷା ବୋଲି ସେ ଯୁକ୍ତି ବାଢ଼ିଥିଲେ। ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ବଙ୍ଗାଳୀମାନେ ଚକ୍ରାନ୍ତ କରିଥିଲେ। ଓଡ଼ିଶାର ଭାଷା ଆନ୍ଦୋଳନକୁ ତ୍ୱରଣ ଯୋଗାଇଥିଲା ନଅଙ୍କ ଦୁର୍ଭିକ୍ଷ। ଏହି ଦୁର୍ଭିକ୍ଷରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ଏକ ତୃତୀୟାଂଶ ଜନତା ମୃତ୍ୟୁମୁଖରେ ପଡ଼ିଥିଲେ। ଠିକ୍ ଏହି ସମୟରେ ଥମାସ୍ ଏରିଚ୍ ରେଭେନ୍ସା ଓଡ଼ିଶାରେ ଶିକ୍ଷାର ବିସ୍ତାର ପାଇଁ ସରକାରୀ କଳକୁ କ୍ରିୟାଶୀଳ କରିଥିଲେ। ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଦ୍ୟାଳୟମାନ ସ୍ଥାପନ କରିଥିଲେ। ଯେଉଁଠାରେ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା କରାଗଲା। ୧୮୬୮ରେ କଟକ ଜିଲ୍ଲାସ୍କୁଲକୁ ସେ ରେଭେନ୍ସା କଲେଜରେ ପରିଣତ କରିଥିଲେ। ଯାହା ଶିକ୍ଷାର ପ୍ରସାର ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଏବଂ ଏହି କଲେଜରୁ ବାହାରିଥିବା ବୁଦ୍ଧିଜୀବୀମାନେ ଓଡ଼ିଶାର ଭାଷା ଆନ୍ଦୋଳନକୁ ଆଗେଇ ନେଇଥିଲେ।

୧୮୬୬ରେ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା କଟକରେ ପ୍ରିଣ୍ଟିଂ ପ୍ରେସ୍‌ର ସ୍ଥାପନା ଫଳରେ ଏହା ଓଡ଼ିଶାରେ ଭାଷାର ପ୍ରସାର ପାଇଁ ମୁଖ୍ୟଭୂମିକା ଗ୍ରହଣ କରିଥିଲା। ସେହିଠାରୁ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ‘ଉତ୍କଳ ଦୀପିକା’ ପ୍ରକାଶିତ ହୋଇଥିଲା। ଫକୀର ମୋହନ ସେନାପତି ଏବଂ ରାଜା ବୈକୁଣ୍ଠନାଥ ଦେବଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରରେ ସ୍ଥାପିତ ହୋଇଥିଲା ଦୁଇଟି ଛାପାଖାନା। ଏହା ବାଲେଶ୍ୱରରୁ ‘ସମ୍ବାଦ ବାହିକା’ ଏବଂ ‘ଉତ୍କଳ ଦର୍ପଣ’ ନାମକ ଦୁଇଟି ଖବର କାଗଜ ପ୍ରକାଶନରେ ସହାୟକ ହୋଇଥିଲା। ଏହି ସବୁ ପତ୍ରପତ୍ରିକା ମାଧ୍ୟମରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ପାଇଁ ଏବଂ ଭାଷା ଆନ୍ଦୋଳନକୁ ତେଜୀୟାନ କରିବା ପାଇ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା। ସେହି ସମୟରେ ବାଲେଶ୍ୱର, କଟକ ତଥା ପୁରୀର ଓଡ଼ିଆମାନେ ବଙ୍ଗାଳୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅପମାନିତ ହେଉଥିଲେ। ପୁରୀର ଜଗନ୍ନାଥ ମନ୍ଦିରରେ ପ୍ରଶାସନ ନିଜ ହାତକୁ ନେବା ପାଇଁ ଇଂରେଜ ସରକାର ଚେଷ୍ଟା କରିଥିଲେ କିନ୍ତୁ ଏହା ବିରୁଦ୍ଧରେ ଲଢ଼ି କୋର୍ଟର ଆଦେଶ ବଳରେ ଗଜପତି ରାଜାଙ୍କୁ ମଧୁବାବୁ ଜଗନ୍ନାଥ ମନ୍ଦିରର ପରିଚାଳନା କ୍ଷମତା ପ୍ରଦାନ କରି ଏକ ଐତିହାସିକ ଗୌରବ ଅର୍ଜନ କରିଥିଲେ। ଏହି ଖବର ସବୁ ଓଡ଼ିଆଙ୍କ ଭିତରେ ନିଜ ଭାଷା ପ୍ରତି ପ୍ରେମଭାବ ଜାଗ୍ରତ କରିଥିଲା। କଟକରୁ ପ୍ରକାଶିତ ପତ୍ରପତ୍ରିକାରେ ବିଭିନ୍ନ ଖବର, ଗୀତ, ଗପ ଆଦି ପ୍ରକାଶିତ ହେବା ଫଳରେ ଓଡ଼ିଆ ଭାଷାର ଗତି ଆଗକୁ ବଢ଼ିଥିଲା। ବାଲେଶ୍ୱରରେ ଫକୀର ମୋହନ ସେନାପତି, ରାଧାନାଥ ରାୟ ଏବଂ ମଧୁସୂଦନ ରାଓ ସେମାନଙ୍କ ଲେଖା ବଳରେ ଓଡ଼ିଆ ଭାଷାକୁ ଲୋକପ୍ରିୟ କରାଇବାକୁ ଲାଗିଲେ। ଏହି ଓଡ଼ିଆ ଭାଷାକୁ କ୍ରିୟାଶୀଳ କରାଇବା ସହିତ ଲୋକମାନଙ୍କୁ ଓଡ଼ିଆ ଭାଷା ତଥା ସାହିତ୍ୟ ପ୍ରତି ଆକୃଷ୍ଟ କରାଇବାରେ ସହାୟକ ହୋଇଥିଲା। ସତ୍ୟବାଦୀଠାରେ ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ‘ବନ ବିଦ୍ୟାଳୟ’ରେ ଓଡ଼ିଆ ଭାଷା ମାଧ୍ୟମରେ ଶିକ୍ଷାଦାନ ତଥା ସାହିତ୍ୟର ରଚନା ପୁରୀରେ ଓଡ଼ିଆ ଭାଷା ଆନ୍ଦୋଳନକୁ କ୍ରିୟାଶୀଳ କରିଥିଲା। ଏହାର ପ୍ରଭାବ ଓଡ଼ିଶାରେ ପଡ଼ିଥିଲା। ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ମିଶାଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବିକ୍ରମେ ତୀବ୍ର ହେବାକୁ ଲାଗିଲା। ୧୮୮୨ରେ ବଙ୍ଗର ଲେଫ୍ଟନାଣ୍ଟ ଗଭର୍ଣ୍ଣର ରିଚାର୍ଜ ଥମସନ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ କଟକରେ ’ଉତ୍କଳ ସଭା’ ତରଫରୁ ତାକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଗଞ୍ଜାମ, ଜୟପୁର ଏବଂ ସମ୍ବଲପୁରକୁ ଓଡ଼ିଶା ସହିତ ମିଶାଇ ଦେବା ପାଇଁ ପ୍ରାର୍ଥନା କରାଯାଇଥିଲା। ସେଦିନ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଥିଲେ-

**‘ମାତୃଭୂମି ମାତୃଭାଷାର ମମତା
ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ।’**

ଏହିପରି ଭାବରେ କବି ଓ ଲେଖକମାନେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଓଡ଼ିଆମାନଙ୍କ ଭିତରେ ଚେତନା ଜାଗ୍ରତ କରାଇ ସେମାନଙ୍କୁ ଏକତ୍ରିତ କରିବାର ପ୍ରୟାସ କରିଥିଲେ ଯାହାଫଳରେ ଓଡ଼ିଶା ଏକତ୍ରୀକରଣର ଶୁଭାରମ୍ଭ ହୋଇଥିଲା। ମଧୁବାବୁ ବିହାର ଓଡ଼ିଶା ପ୍ରାଦେଶିକ ଲେଜିସ୍‌ଲେଟିଭ୍ କାଉନସିଲର୍‌ର ସଭ୍ୟଭାବେ ସେ ବାରମ୍ବାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ଯୁକ୍ତି ବାଢ଼ିଥିଲେ। ସାଇମନ୍ କମିଶନଙ୍କୁ ସମଗ୍ରଦେଶ ପ୍ରତ୍ୟାଖ୍ୟାନ୍ କରିଥିଲେ ମଧ୍ୟ ମଧୁବାବୁ ଏହାକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ଗଠନର ଦାବିକୁ ଉତ୍‌ଥାପନ କରିଥିଲେ। ଯଦିଓ ୧୯୩୪ ମସିହାରେ ସେ ମୃତ୍ୟୁବରଣ କରିଥିଲେ ମାତ୍ର ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଉଦ୍ୟମ କରିଥିଲେ, ତାହା ବାସ୍ତବିକ ଅବିସ୍ମରଣୀୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକାରେ ପାରଳାଖେମୁଣ୍ଡିର ମହାରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ପ୍ରଧାନ ଭୂମିକା କିଛି କମ୍ ନଥିଲା। ପ୍ରଥମ ବିଶ୍ୱଯୁଦ୍ଧବେଳେ ୧୯୧୪ରେ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀ ଆୟୋଜନ କରି ସେ ମଧୁବାବୁଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କରି ପ୍ରଚେଷ୍ଟାରେ ପାରଳାଖେମୁଣ୍ଡି ଏବଂ ଅନ୍ୟାନ୍ୟ ଅଞ୍ଚଳ ମାନ୍ଦ୍ରାଜରୁ ଆସି ଓଡ଼ିଶାରେ ମିଶିଥିଲା। ସେ ଥିଲେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ। ତାଙ୍କରି ପ୍ରଚେଷ୍ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଥିଲା। ୧୯୩୦ରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ ମାନ୍ଦ୍ରାଜ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ। ୨୭ ମେ’ ୧୯୩୦ରେ ସାଇମନ୍ କମିଶନର ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହା ଓଡ଼ିଶା ନେତାମାନଙ୍କୁ ବହୁମାତ୍ରାରେ ପ୍ରଭାବିତ କରିବା ସହିତ ସେମାନଙ୍କ ମନରେ ନୂତନ ପ୍ରେରଣା ଭରି ଦେଇଥିଲା। ରାଜା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେଓଙ୍କ ପ୍ରଚେଷ୍ଟାରେ ଫିଲିପ୍ ଡଫ୍ କମିଟି ଗଠିତ ହୋଇଥିଲା। ଶେଷରେ ୧ ଏପ୍ରିଲ୍ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଜନ୍ମ ଦେଇଥିଲା। ଫକୀର ମୋହନ ସେନାପତି, ଗୌରୀଶଙ୍କର ରାୟ, ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି, ନାରାୟଣ ଦେଓ ଆଦି ମନିଷୀମାନଙ୍କର ଉଦ୍ୟମରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହୋଇଥିଲା। ଆଜି ଏହି ପବିତ୍ର ଦିବସରେ ସେହି ମୁକ୍ତସଂଗ୍ରାମୀ ମାନଙ୍କୁ ଏ ଓଡ଼ିଆ ଜାତି ଶତକୋଟି ପ୍ରଣାମ କରୁଛି ଏବଂ ସମ୍ମାନ ଜଣାଉଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଅପ୍ରେଲ ୨୦୨୪ ସୋମବାର







**କେନ୍ଦୁଝର:** ରକ୍ଷଣା ବେକ୍ଷଣ ଅଭାବରୁ ସରକାରୀ କ୍ୱାର୍ଟରଗୁଡ଼ିକ ଦୟନୀୟ ଅବସ୍ଥାରେ (ଫଟୋ: ସୁରଜିତ ନ୍ୟୁଜ୍)

# ମଲ୍ଲିମାହାରା ପୋଲ ନିର୍ମାଣକୁ ନେଇ ଲୋକେ ଛାନିଆ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉଡେଇପୁରରେ ନିର୍ମାଣାଧିନ ମଲ୍ଲିମାହାରା ଏସ୍କେପ୍ ଫୁଟ୍ ଓଭରବ୍ରିଜ୍‌କୁ ନେଇ ଲୋକଙ୍କ ମଧ୍ୟରେ ଛାନିଆ ପଶିଛି । ନିର୍ମାଣ କାମ ଆରମ୍ଭ ହୋଇଥିବାବେଳେ ଏସ୍କେପ୍ ଯେତିକି ଲମ୍ବା ଥିଲା ପୂର୍ବ ପାର୍ଶ୍ୱରେ ତାଠୁ ଆଉ ୩୦ ଫୁଟ୍ ଅଧିକ ଖୋଳାଯାଇଛି । ଲୋକଙ୍କ ମନରେ ଆଶଙ୍କା ଯେ, ପୂର୍ବରୁ ଏସ୍କେପ୍ ୯୨ ମିଟର ଲମ୍ବ ଥିଲା । ବନ୍ୟା ସମୟରେ ସେତିକିରେ ୫୨୪୨ ଘନଫୁଟ୍ ଜଳ ନିଷ୍କାସନ ହେଉଥିଲା । ଆଉ ଖଡ଼ିପଦା, ଆନନ୍ଦପୁର ପଞ୍ଚାୟତର ୬ ରୁ ୭ଟି ଗାଁ ଜଳମଗ୍ନ ହେଉଥିଲା । ଶହ ଶହ ଏକର ଜମି ବନ୍ୟା ପ୍ଲାବିତ ହେଉଥିଲା । ଏବେ ଆଉ ୧୦ ମିଟର ବଢ଼ିଗଲେ, ପରିସ୍ଥିତି ଭୟାନକ ହେବ । ବନ୍ୟା ପରେ ଯାହା କିଛି ଚାଷ ରହୁଥିଲା, ତାହା ବି ଧୋଇଯିବ ବୋଲି ଲୋକେ ଆଶଙ୍କା କରିଛନ୍ତି । ମଲ୍ଲିମାହାରା ଏସ୍କେପ୍ ଉପରେ ଛୋଟ ବ୍ରିଜ୍‌ଟିଏ ହେଲେ ଆନନ୍ଦପୁର ପଞ୍ଚାୟତର ଦୁଇଟି ଗାଁ ଉଡେଇପୁର ଓ ନଡ଼ିଆବାଗ ମଧ୍ୟରେ ସବୁ ଦିନିଆ ଯୋଗାଯୋଗ ହୋଇପାରିବ। ବର୍ଷାଦିନେ ବା ବନ୍ୟା ସମୟରେ ରୋଗୀଙ୍କୁ ଅନାୟସରେ ମେଡିକାଲ ନେଇ ହେବ । ଏଥିଲାଗି ଏଠାରେ ପୋଲ ନିର୍ମାଣ ପାଇଁ ପ୍ରାୟ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା । ଶେଷରେ ଗତବର୍ଷ ଦୁଇ ଦୁଇଥର ୫-ଟି ଅଧକ୍ଷ



ଭି.କେ. ପାଣ୍ଡିଆନ ଧାମନଗର ଗସ୍ତ କରିବା ସମୟରେ ଲୋକେ ଏନେଇ ଦାବିପତ୍ର ଦେଇଥିଲେ। ଆଉ ଏଠାରେ ପୋଲ ନିର୍ମାଣ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଗତ ସେପ୍ଟେମ୍ବରରେ ପୋଲ ନିର୍ମାଣ ଲାଗି ଟେଣ୍ଡର ହୋଇଥିଲା । ପ୍ରାୟ ୪ କୋଟି ୧୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିଲା । ହେଲେ ଜିଏସ୍‌ଟି ଓ ରୟାଲଟି ଯିବା ପରେ ୩ କୋଟି ୫୨ ଲକ୍ଷ ଟଙ୍କାରେ ପୋଲ ନିର୍ମାଣ କରିବାକୁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା । ଗତ ଫେବୃୟାରୀ ୨୪ରେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉଡେଇପୁରରେ ପହଞ୍ଚି ପୋଲ ନିର୍ମାଣର ସମୀକ୍ଷା କରିଥିଲେ । ତାପରେ କାମ ଆରମ୍ଭ ହୋଇଛି । କେନ୍ଦ୍ରାପଡ଼ାର ଠିକାଦାର ସୁଶ୍ରୀ ସଂଗୀତା ବେହେରା ଏଠାରେ କାମ ଆରମ୍ଭ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ଏସ୍କେପ୍‌ରୁ ପଥର ହଟାଯାଇଛି । ତା'ସହ ପୂର୍ବ ପଟରେ ଥିବା ପୁରୁଣା ସିମେଣ୍ଟ କାନ୍ଥ ଭାଙ୍ଗିଦେବା ସହ ଆଉ ୧୦ ମିଟର ଯାଏ ମାଟି ଓ ବନ୍ଧ ଖୋଳି ଦେଇଛନ୍ତି । ଚୁକ୍ତି ଅନୁସାରେ ପୋଲଟି ୯୧.୯୦ ମିଟର ଲମ୍ବ ହେବ । ଏଥିରେ ମଝିରେ ୮ଟି ପାଇଲ ରହିବ । ପ୍ରତ୍ୟକେ ପାଇଲ ମଝିରେ ୯.୫୦ ମିଟର ଫାଙ୍କ ରହିବ । ପୋଲର ଉପର ଭାଗ ୬ ମିଟର ଚଉଡ଼ା ହେବ । ହେଲେ ସାଇଡୱାଲ ଯିବା ପରେ ଯାତାୟାତ ପାଇଁ ୫.୫ ମିଟର ଚଉଡ଼ାର ରାସ୍ତା ରହିବ । ପୋଲର ଉଚ୍ଚତା ବୈତରଣୀର ଜଳସ୍ତର ହିସାବରେ ୧୪.୧୨ ମିଟର ରହିବ । ଗୋଟିଏ ପାଇଲରେ ୮ଟି ଖୁଣ୍ଟ ରହିବ । ପ୍ରତ୍ୟେକ ଖୁଣ୍ଟ ୧୪ ମିଟର ଅର୍ଥାତ୍ ୪୨ ଫୁଟ୍ ଗଭୀରକୁ ଯିବ । ପ୍ରତ୍ୟେକ ଖୁଣ୍ଟର ଗୋଲେଇ ୮୦ ସେଣ୍ଟିମିଟର ହେବ । ସେହିପରି ଦୁଇ ପାର୍ଶ୍ୱରେ ଥିବା ଆବଟମେଣ୍ଟ ୱାଲ ୧୦ ମିଟର ଲମ୍ବର ରହିବ । ପ୍ରତ୍ୟେକ ଆବଟମେଣ୍ଟର ସ୍ଲାବ୍ ୨୦ଟି ଖୁଣ୍ଟ ଉପରେ ପଡ଼ିବ । ନିର୍ଦ୍ଧାରିତ କଂକ୍ରିଟ ଆପାତରେ ପୋଲ କାମ ହେବ ବୋଲି ସ୍ଥିରୀକୃତ ହୋଇଛି । ସେପଟେ ଅଧିକ ୧୦ ମିଟର ଖୋଳା ଯିବା ନେଇ ଧାମନଗର ଜଳ ସମ୍ପଦ କାର୍ଯ୍ୟାଳୟର ଅଧିକାରୀ ବିଜୟ ସେଠୀ କହିଛନ୍ତି ଯେ, ଏସ୍କେପ୍ ଯେତିକି ଥିଲା ତାଠୁ ଗୋଟେ ମିଟର କମିଯିବ । ପୋଲ ହେବାପରେ ଏସ୍କେପ୍‌ରେ ଜଳ ନିଷ୍କାସନ କ୍ଷମତା ହ୍ରାସ ପାଇବ । ଏବେ ଯେଉଁ ୧୦ ମିଟର ଖୋଳାଯାଇଛି, ତାହା କେବଳ ନିର୍ମାଣ କାମ ସହଜ ହେବା ଲାଗି । ଆବଟମେଣ୍ଟ ୱାଲ ନିର୍ମାଣ ପାଇଁ ଏହି ୧୦ ମିଟର ଖୋଳାଯାଇଛି । ସେହିପରି ପଶ୍ଚିମ ପାର୍ଶ୍ୱରେ ମଧ ଖୋଳାଯିବ । ହେଲେ ନିର୍ମାଣ ସରିଲେ ମଝିରେ ଥିବା ପାଇଲିପିଲର ଓ ଆବଟମେଣ୍ଟ ୱାଲ ଯୋଗୁଁ ଜଳ ନିଷ୍କାସନ କ୍ଷମତା କମିବ । ବନ୍ୟା ଜନିତ କ୍ଷୟକ୍ଷତି ମଧ ହ୍ରାସ ପାଇବ ବୋଲି ସେ କହିଛନ୍ତି । ହେଲେ ଅଧିକାରୀଙ୍କ କଥାକୁ ନେଇ ଚିନ୍ତାରେ ତଳିଆ ଅଞ୍ଚଳର ଲୋକମାନେ ଅଛନ୍ତି । ଏସ୍କେପଟି ପୂର୍ବ ଠାରୁ ନିଶ୍ଚିତ ଅଧିକ ବଢିଯିବ ଏବଂ ଆଗ ଅପେକ୍ଷା ଅଧିକ ବନ୍ୟାପାଣି ପ୍ରବାହିତ ହେବ । ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି ।

# ପୋଲିଂ ଅଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସତ୍ୟତା ନେଇ ହେବ ଡାକ୍ତରୀ ପରୀକ୍ଷା

**ବାଲେଶ୍ୱର, ନ୍ୟୁଜ୍**

ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟଗତ ଆଧାରରେ ପୋଲିଂ ଅଧିକାରୀଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗର ସତ୍ୟତାକୁ ସୁନିଶ୍ଚିତ କରିବା ପାଇଁ ତତ୍ପରତା ଦେଖାଇଛି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଠିତ ମେଡିକାଲ ବୋର୍ଡ ଦ୍ୱାରା ପୋଲିଂ ଅଧିକାରୀଙ୍କ ଡାକ୍ତରୀ ପରୀକ୍ଷା କରାଯିବ । ନିର୍ବାଚନ ପ୍ରକ୍ରିୟାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର କ୍ଷମତାକୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗକୁ ଦର୍ଶାଇଥିବା ପୋଲିଂ ଅଧିକାରୀଙ୍କ ଚିକିତ୍ସା ସ୍ଥିତିକୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କରିବା ଏହି ଡାକ୍ତରୀ ପରୀକ୍ଷାର ଉଦ୍ଦେଶ୍ୟ । ଏହି ସୂଚୀ ଅନୁଯାୟୀ ନୀଳଗିରି, ଖଇରା ଓ ଔପଦା ବ୍ଲକର ୫୦ ଜଣ ଅଧିକାରୀଙ୍କ ଆସନ୍ତା ମାର୍ଚ୍ଚ ୨୮ ତାରିଖ, ରେମୁଣା ବ୍ଲକର ୫୩ ଜଣ ଅଧିକାରୀଙ୍କ ମାର୍ଚ୍ଚ ୩୦ ତାରିଖ, ବାଲେଶ୍ୱର ସଦର ବ୍ଲକର ୯୯ ଜଣ ଅଧିକାରୀଙ୍କ ଏପ୍ରିଲ ୩ ତାରିଖ, ସୋର ଓ ଭୋଗରାଇ ବ୍ଲକର ୫୩ ଜଣ ଅଧିକାରୀଙ୍କ ଏପ୍ରିଲ ୪ ତାରିଖ, ବାହାନଗା ଓ ଜଳେଶ୍ୱର ବ୍ଲକର ୬୧ ଅଧିକାରୀଙ୍କ ଏପ୍ରିଲ ୫ ତାରିଖ, ସିମୁଳିଆ, ବାଲିଆପାଳ ଓ ବସ୍ତା ବ୍ଲକର ୫୦ ଜଣ ଅଧିକାରୀଙ୍କ ଏପ୍ରିଲ ୬ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ଘ ୧୧.୩୦ ସମୟରେ ସମସ୍ତ ଡାକ୍ତରୀ ପରୀକ୍ଷା କରାଯିବ । ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ପୋଲିଂ ଅଧିକାରୀ ଶାରୀରିକ ଭାବେ ସୁସ୍ଥ ଏବଂ ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ସମସ୍ତ ସମ୍ପୃକ୍ତ ପୋଲିଂ ଅଧିକାରୀମାନଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିର୍ଦ୍ଧାରିତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି ।

# ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଖଲାସୀ ସଂଘର ଦାବିପତ୍ର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସ୍ଥିତ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବକେୟା ପ୍ରାପ୍ୟ ପ୍ରଦାନ ଓ ଅନ୍ୟାନ୍ୟ ଦାବିରେ ବୀର ବଜରଙ୍ଗ ସାଲୁଙ୍କୀ ଜଳସେଚନ ବିଭାଗ ଏନଏମଆର ଖଲାସୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୂର୍ବରୁ ବାରମ୍ବାର ଉକ୍ତ ଦାବି ସମ୍ପର୍କରେ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ହେତୁ ବରିଷ୍ଠ ସାମାଜିକ କର୍ମୀ କେଦାରନାଥ ସାହୁଙ୍କ ନେତୃତ୍ୱରେ ସେମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ସେମାନଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାନଗଲେ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଏପ୍ରିଲ ୧ ତାରିଖ ଠାରୁ ଧାରଣା ଦେବେ ବୋଲି ସଂଘର ସଭାପତି ଗିରିଶ ଚନ୍ଦ୍ର ଜିର୍ମା ଓ ସମ୍ପାଦକ ଅନୀଲ୍ କୁମାର ମଲ୍ଲିକ ଚେତାବନୀ ଦେଇଛନ୍ତି । ସଂଘ ପକ୍ଷରୁ ଦାବିପତ୍ରକୁ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ କାର୍ଯ୍ୟାଳୟର ସହାୟକ ଯନ୍ତ୍ରୀ ବିଷ୍ଣୁପ୍ରିୟା ଦେହୁରୀ ଗ୍ରହଣ କରିଥିଲେ ।



# ସାରସ୍ୱତ ପରିଷଦ ପକ୍ଷରୁ "ଆସ ଭେଟିବା ଆମ ପିଲାଙ୍କୁ କାର୍ଯ୍ୟକ୍ରମ"

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ କାର୍ଯ୍ୟକ୍ରମ "ଆସ ଭେଟିବା ଆମ ପିଲାଙ୍କୁ" ସ୍ଥାନୀୟ ଓଡ଼ିଶୋ ସ୍ଥିତ ଉଚ୍ଚବାନନ୍ଦ ବିଦ୍ୟାଳୟ ସମୂହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ "କବିତା ଆବୃତ୍ତି କରିବା କେମିତି" ପ୍ରତିଯୋଗିତାରେ ପ୍ରାୟ ୧୮ଜଣ ଛାତ୍ରୀ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଦାସ ଓ ଶିକ୍ଷକ ପ୍ରମୋଦ କୁମାର ନାୟକ ଯୋଗଦେଇ ଛଅଜଣ କୃତି ପ୍ରତିଯୋଗୀ ମାନଙ୍କୁ ଚୟନ କରିଥିଲେ । ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତାରାଣୀ ବେହେରା ଓ ଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ ସବିତା ମହାନ୍ତି ପିଲାମାନଙ୍କୁ କବିତା ଆବୃତ୍ତି କରିବାର କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସରସ୍ୱତୀ ସେଠୀ, ଲକ୍ଷ୍ମୀପ୍ରିୟା ଦାସ, ବର୍ଷାପ୍ରିୟଦର୍ଶିନୀ ସାହୁ, ସନ୍ଧ୍ୟାରାଣୀ ସାହୁ, ରୋଜାଲିନ୍ ମଲ୍ଲିକ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁଙ୍କୁ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷକ ଅକ୍ଷୟ କୁମାର ଦଳେଇ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ପୁନର୍ଗଠନ ଅଭିଯାନର ଆବାହକ ମଧୁସୂଦନ ଦାସଙ୍କ ବୌଦ୍ଧଜିଲ୍ଲା ଗସ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପୁନର୍ଗଠନ ଅଭିଯାନର ଆବାହକ ମଧୁସୂଦନ ଦାସ ଗ୍ରାମ ପୁନର୍ଗଠନ ଅଭିଯାନ ନିମନ୍ତେ ବୌଦ୍ଧର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ଜିଲ୍ଲାର ଏକମାତ୍ର ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମ, ହରଭଙ୍ଗା ବ୍ଲକର କିଡ଼ନୀ ପ୍ରପୀଡ଼ିତ ଗ୍ରାମ ଜବଲପୁର । ଏଠାରେ ଗ୍ରାମର ଲୋକମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଇଂ ବିକାଶ ମହାକୁଡ଼ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନା କରିଥିଲେ । ଜବଲପୁରରେ ପାନୀୟ ଜଳର ବ୍ୟବସ୍ଥା କରିବା ଓ ଗ୍ରାମର ବିଧବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା କରିବା । ଶ୍ରୀ ଦାସ ପୂର୍ବରୁ ୧୮୦ଜଣ ଯୁବକ ମାନଙ୍କୁ ନେଇ ପୁରୁଣା କଟକ ଠାରେ, ବାଉଁଶୁଣୀ ଠାରେ ୨୫ଜଣ ଯୁବକଙ୍କୁ ନେଇ ଶିବିର ଆୟୋଜନ କରିଥିବା ବେଳେ ବୌଦ୍ଧ ମହାନଦୀ ବିହାର ପାର୍କ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଦିନରେ ବୌଦ୍ଧ ଜିଲ୍ଲାର ୬୯ଗୋଟି ପଞ୍ଚାୟତ ଗୋଟିଏ ମ୍ୟୁନିସିପାଲିଟି, ୪ ଗୋଟି ନୂତନ ଏନଏସିରୁ ୧୦୦ ଜଣ ଯୁବକ ଯୁବତୀଙ୍କୁ ତାଲିମ ଶିବିର ଆୟୋଜନ କରି ଗ୍ରାମକୁ ସ୍ୱଚ୍ଛ ଓ ସବୁଜ ଗାଁ, ସ୍ୱାବଲମ୍ବନ ଗାଁ, ସଦ୍‌ଭାବନା ଗାଁ ଓ ସ୍ୱାଭିମାନୀ ଗାଁ ଗଠନ ପାଇଁ କାର୍ଯ୍ୟକ୍ରମ ଖସଡ଼ା ଉପସ୍ଥାପନା କରିଥିଲେ । ବିଭିନ୍ନ ଆଲୋଚନାରେ ଅଧ୍ୟାପକ ଡ. ପ୍ରବୀର କୁମାର ଦାସ, ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପ୍ରଧାନ, ତୋଫାନ ପରିଡା, କୃତ୍ତିବାସ ପଲିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ବୌଦ୍ଧ ଜିଲ୍ଲାର ପୁନର୍ଗଠନ ପାଇଁ ଆସନ୍ତା ଦିନରେ ନିରନ୍ତର କାର୍ଯ୍ୟକ୍ରମ କରିବା ପାଇଁ ପ୍ରତିଜ୍ଞା କରିଥିଲେ ।

# ରକ୍ତଦାନ କରି ଜନ୍ମଦିନ ପାଳିଲେ ଯୁବ ସାମ୍ବାଦିକ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଉପକଣ୍ଠ ତଥା ବାରଙ୍ଗ ଅଞ୍ଚଳର ଯୁବ ସାମ୍ବାଦିକ ଗୌତମ କୁମାର ରାଉତ ନିଜର ଜନ୍ମ ଦିନକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି । ସାମ୍ବାଦିକତା ସହ ସମାଜସେବା ପ୍ରତି ତାଙ୍କର ନିଶା ରହୁଥିବାରୁ ବିଭିନ୍ନ ସମୟରେ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତିବର୍ଷ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରି ଜନ୍ମଦିନ ପାଳନ କରୁଥିବା ବେଳେ ଚଳିତ ବର୍ଷ ସେ ନିଜର ଜନ୍ମ ଦିନରେ ରକ୍ତଦାନ କରି ସମାଜକୁ ସଚେତନ ବାର୍ତ୍ତା ଦେଇଥିଲେ । ଏହା ସହ ଅଙ୍ଗଦାନ ଭଳି ମହତ କାର୍ଯ୍ୟ କରିଛନ୍ତି । ସେ ନିଜର ଅଙ୍ଗଦାନ କରିବା ପାଇଁ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ସହ ନିଜର କିଛି ଅଙ୍ଗକୁ ଦାନ କରିବେ ବୋଲି ରେଜିଷ୍ଟ୍ରେସନ୍ କରିବା ସହ ସଂକଳ୍ପ ନେଇଛନ୍ତି । ତାଙ୍କର ଏଭଳି ମହତ କାର୍ଯ୍ୟକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଢ଼େର ପ୍ରଶଂସା କରାଯାଇଛି । ଭବିଷ୍ୟତରେ ସେ ଏହିଭଳି ଭାବେ ଭିନ୍ନ ଭିନ୍ନ ଉପାୟରେ ସମାଜସେବା କରିଚାଲିବେ ବୋଲି କହିଛନ୍ତି ।

# ଜୁନ୍ ୨୨ ଓ ୨୩ରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଜୟନ୍ତୀ ସମାରୋହ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଆୟୋଜନ ପାଇଁ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗଠିତ ହୋଇଥିବା ଏମ୍.ପି.ସି ଆଲୁମିନି ଟ୍ରଷ୍ଟର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାରୋହ ପାଳନ କୋର୍ କମିଟିର ଅଧକ୍ଷ ବିଶିଷ୍ଟ ପ୍ରାଧ୍ୟାପକ ଇଶ୍ୱର ଚନ୍ଦ୍ର ଜେନାଙ୍କ ଅନୁପସ୍ଥିତରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଜଗଦିଶ ଚନ୍ଦ୍ର ଘଡାଇ ସଭାପତିତ୍ୱ କରିଥିଲେ । ଆଗାମୀ ଜୁନ୍ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ କରାଯିବାକୁ ସ୍ଥିର କରାଗଲା । ବିଭିନ୍ନ କମିଟି ଗୁଡିକ ଗଠନ କରାଯାଇ କାମକୁ ସୁରୁରୁପେ ଆଗେଇ ନେବା ପାଇଁ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା । ବିଭିନ୍ନ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ବ୍ୟାଚ୍ କୋଡିନେଟର ମାନ ବଛାଯାଇ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ପଞ୍ଜିକୃତ କରିବା ପାଇଁ ସ୍ଥିର କରାଗଲା । ପରବର୍ତ୍ତୀ ସଭା ପାଇଁ ଆଗାମୀ ଅପ୍ରେଲ ୧୩ ତାରିଖକୁ ଧାର୍ଯ୍ୟ କରାଗଲା । ଆସନ୍ତା ବୈଠକରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସଂଗେ ସଂଗେ ଉକ୍ତ ସମାରୋହକୁ ସାଫଲ୍ୟ ମଣ୍ଡିତ କରିବାରେ ସାହାଯ୍ୟ ସହଯୋଗ କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାଳିତ ହେଲା । ସର୍ବଶେଷରେ ପ୍ରାଧ୍ୟାପକ ଉପେନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗର୍ଭବତୀ ଓ ଦିବ୍ୟାଙ୍ଗଙ୍କୁ ମାଗଣାରେ ଜରୁରୀକାଳୀନ ସେବା ଯୋଗାନ୍ତି ଗଗନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଗେଟ୍ ବଜାର ସ୍ଥିତ ବିଷ୍ଣୁ ନଗର ଦ୍ୱିତୀୟ ଲାଇନ୍‌ର ଗଗନ କୁମାର ପାତ୍ର । ସେ ବିଭିନ୍ନ ସମୟରେ ରାସ୍ତାରେ ଗର୍ଭବତୀ ଓ ଦିବ୍ୟାଙ୍ଗ ମାନଙ୍କୁ ନିଜ ଅଟୋରେ ମାଗଣାରେ ମେଡ଼ିକାଲ୍‌ରେ ପହଞ୍ଚାଇ ଏକ ଉଦାହରଣ ପାଲଟିଛନ୍ତି । ଦୀର୍ଘ ୯ବର୍ଷ ତଳେ ଗଗନ ବ୍ରହ୍ମପୁର ସହରରେ ଏହି ସେବା ଆରମ୍ଭ କରିଥିଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି କିପରି ଜଣେ ଗର୍ଭବତୀ ଓ ରୋଗୀ ଠିକ୍ ସମୟରେ ଡ଼ାକ୍ତରଖାନାରେ ପହଞ୍ଚିପାରିବ । ସେ ଏପରି କରିବା ପଛରେ ମୁଖ୍ୟ କାରଣ ଅନେକ କିଛି ରହିଛି । ୨୦୧୫ ମସିହାରେ ଗଗନ ଡ଼ାଲା ଅଟୋ ଭଡ଼ାରେ ଚଳାଉଥିଲେ । ହଠାତ୍ ରାତି ଅଧରେ ପୁଅ ଦେହ ଗୁରୁତର ହୋଇପଡ଼ିଥିଲା । ଡ଼ାକ୍ତରଖାନା ଯିବାକୁ ସେ ବହୁ ଚେଷ୍ଟା କରିଥିଲେ । ଅନେକ ଗାଡ଼ି ସହ ଯୋଗାଯୋଗ କଲେ କିନ୍ତୁ ସମ୍ଭବପର ହୋଇନଥିଲା । ଶେଷକୁ ମୁଖ୍ୟ ରାସ୍ତା ଦେଇ ପାରହେଉଥିବା ଜଣେ ଅଣ ଓଡ଼ିଆ ଟ୍ରକ୍ ଡ୍ରାଇଭର ତାଙ୍କୁ ଓ ପୁଅଙ୍କୁ ଆଣି ବଡ଼ ଡ଼ାକ୍ତରଖାନା ନିକଟରେ ପହଞ୍ଚାଇଥିଲେ । ଏ ବାବଦକୁ ଗଗନ ଗାଡ଼ି ଡ୍ରାଇଭରଙ୍କୁ ୧୦୦ ଟଙ୍କା ଯାଚିବାରୁ ଔଷଧ କିଣିବ ରଖ ବୋଲି କହି ଡ୍ରାଇଭର ଜଣଙ୍କ ତାଙ୍କୁ ଟଙ୍କା ଫେରାଇ ଦେଇଥିଲା । ସେବେଠାରୁ ଗଗନ ଏଭଳି ଜରୁରୀକାଳୀନ ସ୍ଥିତିରେ




**୯ ବର୍ଷ ହେବ ସହରରେ ନିରନ୍ତର ସେବା**

ପଡ଼ିଥିବା ରୋଗୀ, ସମ୍ପର୍କୀୟ ଗର୍ଭବତୀ, ଗରିବମାନଙ୍କୁ ସହାୟତା କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ପରବର୍ତ୍ତୀ ସମୟରେ ନିଜେ ପାସେଞ୍ଜର ଅଟୋ କିଣି ଚଳାଇଲେ । ନିଜ ଅଟୋ ପଛପଟେ ସେ ଲେଖିଛନ୍ତି ଡ଼େଲିଭରି କ୍ୟାସ୍ ଫ୍ରି । ଏଭଳି ଗତ ୯ ବର୍ଷ ମଧ୍ୟରେ ସେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାହାଯ୍ୟ କରିଛନ୍ତି । ତାଙ୍କୁ ଏଭଳି କାର୍ଯ୍ୟରେ ଆକୃଷ୍ଟ ହୋଇ ଗେଟ୍‌ବଜାର, ଲାଞ୍ଜିପଲ୍ଲୀ, ଆଙ୍କୁଲି, ହନୁମାନ ବଜାର, ପୁରୁଣା ବ୍ରହ୍ମପୁର ସମେତ ସହରର ବିଭିନ୍ନ ଅଞ୍ଚଳର ପ୍ରାୟ ୫୩ ଜଣ ଅଟୋ ଚାଳକ ମଧ ଏଭଳି ସେବାରେ ଗତ ୪ ବର୍ଷ ହେଲାଣି ଗଗନଙ୍କ ସହ ଯୋଡ଼ି ହୋଇଛନ୍ତି । ଗଗନ ଓ ତାଙ୍କର ସାଥୀ ଯଦି ଦେଖନ୍ତି ବାଟରେ କେହି ବୃଦ୍ଧବୃଦ୍ଧା, ଗରୀବ, ଅସହାୟ, ଦିବ୍ୟାଙ୍ଗ ଲୋକ ଚାଲି ଚାଲି ଆସୁଛି ତେବେ ନିଜ ଅଟୋରେ ବସାଇ ଯଥାସମ୍ଭବ ଘରେ ବା ଘରକୁ ନିକଟ କୌଣସି ଛକରେ ଛାଡ଼ି ଦିଅନ୍ତି । ନିୟମିତ ଭଡ଼ା ହେଉ ବା ସେୟାରିଂ ଯାତ୍ରୀ ନେବା ଆଣିବା କଲାବେଳେ ସମସ୍ତଙ୍କୁ ନିଜ ନମ୍ବର ଲେଖାଥିବା କାର୍ଡ଼ଟିଏ ଧରାଇ ଦିଅନ୍ତି । ଆଉ କୁହନ୍ତି ଯଦି ଏଭଳି କିଛି ଅସୁବିଧା ହୁଏ ତେବେ ମୋତେ ଜଣାଇବେ । ଯଥାସମ୍ଭବ ସହାୟତା ପାଇଁ ଚେଷ୍ଟା କରିବି । ସହାୟତା ପାଇଁ କୌଣସି ଗରିବ, ଜରୁରୀକାଳୀନ ସ୍ଥିତିର ସହାୟତା କରିଥାନ୍ତି । ଯାହାକୁ ନେଇ ସହରବାସୀ ଓ ବୁଦ୍ଧିଜୀବୀ ମହଲରେ ଗଗନ ଓ ତାଙ୍କ ସାଥୀଙ୍କୁ ବହୁ ପ୍ରଶଂସା କରାଯାଉଛି । ଅନ୍ୟପକ୍ଷରେ ସେ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଟଙ୍କା ଅଭାବରୁ ଅଧିକରୁ ଅଧିକ ଲୋକଙ୍କୁ ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି । ଯଦି କୌଣସି ବ୍ୟକ୍ତି କିମ୍ବା ପ୍ରଶଂସା ଏଥିପାଇଁ ଯଦି ତାଙ୍କୁ କିଛି ସହଯୋଗ କରନ୍ତି ତେବେ ସେ ଅଧିକ ଲୋକଙ୍କ ସହଯୋଗ କରିପାରିଥାନ୍ତେ ବୋଲି ଗଗନ କହିଛନ୍ତି ।

# ବନ ବିଭାଗ ପକ୍ଷରୁ ୧୩ ହଜାର ଚାରା ରୋପଣ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ପରିବେଶ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି । ପରିବେଶର ସୁରକ୍ଷା ଓ ନଦୀ ତଟର ସୁରକ୍ଷା ନିମନ୍ତେ କଟକ ଜିଲ୍ଲା ବନ ବିଭାଗ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଞ୍ଚାୟତ ମାଣିକିପୁର ଠାରେ ଚିତ୍ରୋତ୍ପଳା ନଦୀ ପଠାରେ ପ୍ରାୟ ୧୩ ହଜାର ଚାରା ରୋପଣ କରାଯାଇଛି । ପ୍ରତିବର୍ଷ ବନ୍ୟା ଆସିଲେ ମାଣିକିପୁର ଗ୍ରାମବାସୀଙ୍କ ଜୀବନ ଜୀବିକା ପ୍ରତି ବିପଦର ଆଶଙ୍କା ସୃଷ୍ଟି ହେଉଥିଲା । ଏପରିକି ପ୍ରତିବର୍ଷ ନଦୀ ତଟ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହେଉଥିଲା । ପରିବେଶର ସୁରକ୍ଷା ଓ ନଦୀ ତଟର ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ମାଣିକିପୁର ଠାରେ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ନଦୀ ପଠାରେ ନିମ, ଶିଶୁ, ଜାମୁ, ଫାସୀ, ଶିରିଶା, ପିଜୁଳି, ବର ଇତ୍ୟାଦି ବହୁ ଜାତିର ପ୍ରାୟ ୧୩ ହଜାର ଚାରା ରୋପଣ କରାଯାଇଥିବାର ଜଣାଯାଇଛି । ଏହି ଚାରା ରୋପଣ ପ୍ରାୟ ୯ ହେକ୍ଟର ନଦୀ ପଠାରେ କରାଯାଇଥିବାର ଜଣାଯାଇଛି । ବନଅଧିକାରୀ ରଶ୍ମିରେଖା ପରିଡା ଓ ରାକେଶ ସ୍ୱାଇଁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାରା ରୋପଣ କରାଯାଇଥିବାର ଜଣାଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ୬ ଜଣ ବ୍ୟକ୍ତିଙ୍କୁ ଗଛର ରକ୍ଷଣା ବେକ୍ଷଣା ନିମନ୍ତେ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ଥାନୀୟ ସମାଜସେବୀ ବବି ସିଂ ଏଥିରେ ପୂର୍ଣ୍ଣ ସହଯୋଗ କରୁଛନ୍ତି । ଅପରପକ୍ଷରେ ଚାରାର ସୁରକ୍ଷା ନିମନ୍ତେ ଚତୁଃପାର୍ଶ୍ୱରେ ତାର ବାଡ ଦିଆଯାଇଛି । ଯାହାଦ୍ୱାରାକି ବୁଲା ଗାଈଗୋରୁ ଛେଳିମେଣ୍ଢାଙ୍କ ଦାଉରୁ ଚାରା ଗୁଡ଼ିକୁ ରକ୍ଷା କରାଯାଇପାରୁଛି । ତେବେ ଏଠାରେ ଚାରା ରୋପଣ କରାଯାଇଥିବା କାରଣରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ଦୋଳପୂର୍ଣ୍ଣମୀ ଉତ୍ସବରେ ମହାନଦୀ ଆଳତୀ ଘାଟରେ ହରିହର ଭେଟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବାର ମାସରେ ତେର ପର୍ବ ପାଳନ କରାଯାଉଅଛି । ଫଗୁଣ ଏକାଦଶୀ ତିଥିରୁ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ ହୋଇଥାଏ । ପଞ୍ଚଦୋଳ ଉତ୍ସବର ଶେଷ ଦିବସ ପୂର୍ଣ୍ଣମୀରେ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ସହରର ପୋଡାପୋଡ଼ା ହରିଗୁଡି ଠାକୁର, ଶ୍ରୀଜଗନ୍ନାଥ ମନ୍ଦିରର ଠାକୁର ଓ ମଦନମୋହନ ମନ୍ଦିରର ଠାକୁରଙ୍କୁ କୀର୍ତ୍ତନ କରି ସହର ପରିକ୍ରମା କରାଯାଇଥିଲା । ଶ୍ରୀଚନ୍ଦ୍ରଚୂଡ଼ ମନ୍ଦିରରେ ପହଞ୍ଚିବା ପରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା । ମହାନଦୀ ଆଳତୀ ଘାଟ ଠାରେ ମହାନଦୀ ମହୋତ୍ସବ ପକ୍ଷରୁ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆଳତି ଘାଟରେ ଭଜନ, କୀର୍ତ୍ତନ, ମହାନଦୀ ଆଳତୀ ହେବାପରେ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା । ସମସ୍ତ ଭକ୍ତମାନେ ପ୍ରସାଦ ପାଇବା ପରେ ଠାକୁରଙ୍କୁ ବିମାନରେ ନିଜ ନିଜ ମନ୍ଦିରକୁ ବାହୁଡ଼ିଥିଲେ । ବୌଦ୍ଧ ସହରରେ ପ୍ରଥମଥର ପାଇଁ ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ପ୍ରଶଂସା କରିଥିଲେ । ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଉପସ୍ଥିତ ଉଦ୍ୟୋକ୍ତାମାନେ ସଂକଳ୍ପ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ମନ୍ଦିରର କମିଟି ସଦସ୍ୟ ଓ ଆଳତୀ ଘାଟର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ବୌଦ୍ଧ ଜିଲ୍ଲା ଖାଉଟି ବିବାଦ ସମାଧାନ ମଞ୍ଚରେ ଅଚଳାବସ୍ଥା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଖାଉଟି ବିବାଦ ସମାଧାନ ମଞ୍ଚରେ ସଭାପତି ପଦବୀ ଦୀର୍ଘ ଦିନ ହେଲା ଖାଲି ରହିଥିବା ହେତୁ ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ଜାନୁଆରୀ ୧୮ ତାରିଖ ଠାରୁ ମଞ୍ଚର ସଭାପତି ଇସ୍ତଫା ପ୍ରଦାନ କରିବା ପରେ ନୂତନ ସଭାପତି ନିଯୁକ୍ତି ହୋଇନଥିବା ହେତୁ ଖାଉଟୀ ମାନଙ୍କ ବିବାଦର ସମାଧାନ ହେଉନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ଅଭିଯୋଗ କରିଥିବା ଖାଉଟିମାନେ ବାରମ୍ବାର କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହେଉଥିବା ବେଳେ ଖାଲି ତାରିଖ ପରେ ତାରିଖ ଗଡି ଚାଲିଛି । ଫାଇଲ ମଧ ବହୁ ପରିମାଣରେ ଗଦା ହୋଇଗଲାଣି । ତେଣୁ ତୁରନ୍ତ ଖାଲିଥିବା ସଭାପତି ଓ ସଦସ୍ୟ ପଦବୀ ପୂରଣ କରିବା ପାଇଁ ଜନସାଧାରଣରେ ଦାବି ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖାଉଟି ମାନଙ୍କ ସମସ୍ୟା ଦୂର ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖାଉଟିମାନେ ଅନୁରୋଧ କରିଛନ୍ତି ।

# ପ୍ରୋତ୍ସାହନ ଅଭାବରୁ ବାଉଁଶ କାରିଗରଙ୍କ ଜୀବନ ଜୀବିକା ଦୁର୍ବିସହ

**କେନ୍ଦୁଝର, ନ୍ୟୁଜ୍**

ସରକାରୀ ପ୍ରୋତ୍ସାହନ ଅଭାବରୁ ବାଉଁଶ କାରିଗରଙ୍କ ଅବସ୍ଥା ଦୟନୀୟ ହୋଇପଡୁଥିବାରୁ ଜୀବନ ବଞ୍ଚାଇବା ଲାଗି ଅନ୍ୟ ବୃତ୍ତିକୁ ଆପଣେଇବାକୁ ବାଧ ହେଉଥିବାର ଦେଖାଯାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପୁରୁଷ ପୁରୁଷ ଧରି ସେମାନେ ବାଉଁଶରେ ନିତିଦିନିଆ ଘରକରଣା ସାମଗ୍ରୀମାନ ପ୍ରସ୍ତୁତ କରି ହାଟ ବଜାରରେ ବିକ୍ରି କରି ନିଜ ପରିବାର ଚଳାଉଥିଲେ, ହେଲେ କାଳକ୍ରମେ ପ୍ଲାଷ୍ଟିକ୍ ସାମଗ୍ରୀ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ଯୋଗୁଁ ବାଉଁଶ ସାମଗ୍ରୀର ବ୍ୟବହାର ବହୁଳ ଭାବେ କମିବାରେ ଲାଗିଛି । ଯାହାକି ବାଉଁଶ କାରିଗର ମାନଙ୍କର ଜୀବନ ଜୀବିକା ଦୁର୍ବିସହ ହୋଇପଡିଛି । ଦିନ ଥିଲା ବାଉଁଶ ସାମଗ୍ରୀ ଯଥା- କୁଲା, ଡ଼ାଲା, ବିଞ୍ଚଣା, ଝାଙ୍କି, ଟୁକୁଲି, ଗଙ୍ଗୁଡ଼ି, ଗୋରଡା, ଟୋପି, ଝାମ୍ପି ଏବଂ ସୁନ୍ଦର ସୁନ୍ଦର ଖେଳନାମାନ ବ୍ୟବହାର ସର୍ବାଗ୍ରେ ରହିଥିବାବେଳେ ଏବେ ଆଧୁନିକତାର ବିକାଶ ନାମରେ ପ୍ଲାଷ୍ଟିକ ସାମଗ୍ରୀ ପ୍ରତି ଲୋକଙ୍କର ଆଗ୍ରହ ବାଉଁଶ ସାମଗ୍ରୀର



ବ୍ୟବହାରକୁ ପଛରେ ପକାଇଦେଇଛି । କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକମାନେ ଜଙ୍ଗଲରୁ ଓ ବାଉଁଶ ବିକ୍ରେତା ମାନଙ୍କ ଠାରୁ କଞ୍ଚା ବାଉଁଶ କିଣି ଘରର ଛୋଟ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ବାଉଁଶକୁ କତାରେ କାଟି ଭଳି ଭଳି ଘର ବ୍ୟବହାର୍ଯ୍ୟ ସାମଗ୍ରୀ, ଖେଳନା ମାନ ତିଆରି ହାଟ ବଜାରରେ ବିକ୍ରି କରି ନିଜ ପରିବାର ଚଳାଇଥାନ୍ତି, ହେଲେ ସମୟ କ୍ରମେ ବାଉଁଶ ଉପକରଣର ଚାହିଦା କମିବାରେ ଲାଗିଥିବା ବେଳେ ବାଉଁଶ ଉପକରଣର ସ୍ଥାନ ନେଇଛି ପ୍ଲାଷ୍ଟିକ, ଷ୍ଟିଲ, ଫାଇବର, ଆଲୁମିନିୟମ ପ୍ରଭୃତି ଉପକରଣ, ବାଉଁଶ ପ୍ରତି ଲୋକମାନଙ୍କର ବିମୁଖତା ଯୋଗୁଁ ବର୍ତ୍ତମାନ ବାଉଁଶ ଉପକରଣର ଉପଯୁକ୍ତ ମୂଲ୍ୟ ମଧ ପାଉନାହାଁନ୍ତି, ଯାଫଳରେ ବାଉଁଶ କାରିଗର ମାନେ ବର୍ଷ ବର୍ଷ ଧରି ଆପଣେଇଥିବା ନିଜର କୌଳିକ ବୃତ୍ତିକୁ ଛାଡି ଅନ୍ୟ ରୋଜଗାରର ବାଟ ବାଛି ନେଉଥିବାର ଦେଖାଯାଇଛି । କିନ୍ତୁ କିଛି ଲୋକ ନିଜର କୌଳିକ ବୃତ୍ତିକୁ ଛାଡି ପାରିନାହାନ୍ତି । କ୍ଷତି ହେଲେ ମଧ ନିଜର ବୃତ୍ତିକୁ ବଜାଇ ରଖିଛନ୍ତି । ଯାଦ୍ୱାରା କୌଣସି ଶୁଭ କାର୍ଯ୍ୟରେ ଆବଶ୍ୟକ ପଡୁଥିବା ବାଉଁଶ ଉପକରଣ ଯଥା- କୁଲା, ଡ଼ାଲା, ବିଞ୍ଚଣା ପ୍ରଭୃତି ଉପକରଣ ବ୍ୟବହାର ହୋଇପାରୁଛି । ତେଣୁ ଏହି ବାଉଁଶ କାରିଗରଙ୍କର ଉନ୍ନତି ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୧ ଅପ୍ରେଲ୨୦୨୪ ସୋମବାର





# ସୋଆ ଏସ୍‌ପିଏସ୍ ପକ୍ଷରୁ ସାଂସ୍କୃତିକ ଉତ୍ସବ 'ଆମିଟି-୨୦୨୪'



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ଦୁଇ ଦିନିଆ ସାଂସ୍କୃତିକ ଉତ୍ସବ 'ଆମିଟି-୨୦୨୪' ଉଦ୍‌ଯାପିତ ହୋଇଯାଇଛି।

କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ରାଜ୍ୟ ଔଷଧ ନୀରିକ୍ଷକ ଡାକ୍ତର ନୀଳମାଧବ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଡିକାଲ୍ ଡିଭାଇସ୍ ମନିଟରିଂ ଓ ଫାର୍ମାକୋ ଭିଜିଲାନ୍ସ କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ନିମନ୍ତେ ସୃଷ୍ଟି ହେଉଥିବା ସୁଯୋଗ ଉପରେ ଛାତ୍ରଛାତ୍ରୀମାନେ ଦୃଷ୍ଟି ରଖନ୍ତୁ ବୋଲି କହିଥିଲେ। ସମାଜର ହିତ ପାଇଁ ସେମାନେ କାର୍ଯ୍ୟ କରନ୍ତୁ ସେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟିକା ମମତା ଦାସ ମୁଖ୍ୟ ବକ୍ତା ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ଆରୋନ - ୨୦୨୪' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ଏସ୍‌ପିଏସ୍‌ର ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଷ୍ଟାର ନାଇଟ୍ ମୁଖ୍ୟ ଆକର୍ଷଣ ଥିଲା।

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଓ.ପି. ଜିନ୍ଦଲଙ୍କ ୧୯ତମ ପୂଣ୍ୟତିଥି ପାଳିତ

**ଅନୁଗୁଳ/ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓପି ଜିନ୍ଦଲ ଗ୍ରୁପ୍‌ର ପ୍ରାଣ ପ୍ରତିଷ୍ଠାତା ଓପି ଜିନ୍ଦଲ(ବାଉଜି)ଙ୍କ ୧୯ତମ ପୁଣ୍ୟତିଥି ଅବସରରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅନୁଗୁଳ ପକ୍ଷରୁ ମାର୍ଚ୍ଚ ୩୦, ୨୦୨୪ ରେ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଅନ୍ୟର ଜୀବନ ବଞ୍ଚାଇବା ଭଳି ମହତ୍ କାର୍ଯ୍ୟର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମାଜ ତଥା ଷ୍ଟିଲ ଉଦ୍ୟୋଗ ପ୍ରତି ବାଉଜୀଙ୍କ ସମର୍ପିତ ପ୍ରୟାସକୁ ମନେପକାଇ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏହି ରକ୍ତଦାନ ଶିବିର ରେ ମୋଟ ୭୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

ଏହି ଅବସରରେ ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲ୍‌ହନ୍‌ଙ୍କ ନେତୃତ୍ୱରେ ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିବା ସାଙ୍ଗକୁ ଏହି ମହାନ ଆତ୍ମାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟବଳୀର ସ୍ମରଣ କରିଥିଲେ।






ଏହି ଅବସରରେ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ସୋସିଆଲ ମିଡିଆ ବାର୍ତ୍ତାରେ ତାଙ୍କ ପିତା ଓପି ଜିନ୍ଦଲଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ତାଙ୍କ ପିତାଙ୍କ ଜୀବନ ଯାତ୍ରା ତାଙ୍କ ପାଇଁ ଏକ ପୁସ୍ତକ, ଯାହାକୁ ସେ ପ୍ରତିଦିନ ପଢିବାକୁ ପସନ୍ଦ କରନ୍ତି ଏବଂ ସେଥିରୁ ସେ ଶିକ୍ଷା ଲାଭ କରିଥାନ୍ତି।

ଏହି ଅବସରରେ ପଙ୍କଜ ମାଲହାନ କହିଛନ୍ତି, ଜେଏସପିର ପ୍ରତିଷ୍ଠାତା ଓପି ଜିନ୍ଦଲ ଜୀଙ୍କ ମାର୍ଗ ଦର୍ଶନ ଆମକୁ ସର୍ବଦା ସମାଜ ସେବା କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥାଏ। ଏକ ରାଷ୍ଟ୍ର ନିର୍ମାଣ ତଥା ସମାଜର ଉନ୍ନତି ପାଇଁ ଆମେ ନିରନ୍ତର ଅନୁପ୍ରାଣିତ ଅଟୁ। ଏହିପରି ଏକ ବୃହତ୍ ରକ୍ତଦାନ ଶିବିର ଆୟୋଜନ କରି ଆମେ ଆମ ସାମାଜିକ ଦାୟିତ୍ୱବୋଧ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରି ପାରିଛୁ। ଶିବିରର ସଫଳତା ପାଇଁ ମୁଁ ଜେଏସ୍‌ପି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛି। ଏହି ମେଗା ରକ୍ତ ଦାନ ଶିବିରରେ ରକ୍ତ ଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରଣା ଦେବା ପାଇଁ ଦାମୋଦର ମିତ୍ତଲ ଏକ ଉଦାହରଣ ସୃଷ୍ଟି କରିଥିଲେ।

ଏହି ଅବସରରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଜରାଶ୍ରମ, ଗୋଶାଳା, ମାନବ ସେବାଶ୍ରମ, ଏବଂ ବିଭିନ୍ନ ଭିନ୍ନକ୍ଷମ ଶିଶୁ ଆଶ୍ରୟ ସ୍ଥଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିନ୍ଦଲ ମହିଳା ସମିତି ପକ୍ଷରୁ ଅନିତା ମିତ୍ତଲଙ୍କ ସହ ଅନ୍ୟ ସମିତି ସଦସ୍ୟା ଓ କମ୍ପାନୀର ବିଭିନ୍ନ ଅଧିକାରୀ ଏହି ସବୁ କାର୍ଯ୍ୟରେ ସାମିଲ ହୋଇ ବାଉଜୀଙ୍କ ପ୍ରତି ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହି ଅବସରରେ ଜେଏସ୍‌ପି ଫାଉଣ୍ଡେସନ ଏବଂ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ, ଅନୁଗୋଳ, ଆଠମଲ୍ଲିକ, ତାଳଚେର ଓ ବୁର୍ଲାର ସହଯୋଗ କ୍ରମେ ପାଞ୍ଚଟି ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରଯାଇଥିଲା। ଏହି ରକ୍ତଦାନ ଶିବିରରେ ବିପୁଳ ମାତ୍ରାରେ କର୍ମଚାରୀ, ବ୍ୟବସାୟ ସହଯୋଗୀ, ପରିବାର ସଦସ୍ୟ, ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀମାନେ ରକ୍ତ ଦାନ କରି ବାଉଜୀଙ୍କ ପ୍ରତି ସେମାନଙ୍କର ଭକ୍ତି ସୁମନ ଅର୍ପଣ କରିଥିଲେ। ସେହିପରି ଓ.ପି. ଜିନ୍ଦଲଙ୍କ ୧୯ତମ ପୁଣ୍ୟ ତିଥିରେ ଜେଏସପିର ବଡ଼ବିଲ, ଟେନ୍ସା ଏବଂ କାସିଆ ୟୁନିଟ୍‌ରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଗରିବ ଓ ପୋଲିଓ ଆକ୍ରାନ୍ତ ପୂର୍ଣ୍ଣଚନ୍ଦ୍ର ଜାତୀୟ ପାରା ସନ୍ତରଣରେ ଭାଗ ନେବେ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରଦେଶ ଗ୍ୱାଲିୟର ଠାରେ ହେବାକୁ ଥିବା ୨୩ତମ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି ଗଞ୍ଜାମର ପୂର୍ଣ୍ଣଚନ୍ଦ୍ର ସେଠୀ। ଏଥିପୂର୍ବରୁ ସେ ଗତ ଫେବୃଆରୀ ମାସରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ପରିସରରେ ହୋଇଥିବା ରାଜ୍ୟସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିବା ସହ ଜାତୀୟସ୍ତରକୁ ଯିବାକୁ ମନୋନୀତ ହୋଇଥିଲେ। ସେଠାରେ ସେ ୫୦ ମିଟର ସନ୍ତରଣ ୩୭ ସେକେଣ୍ଡ ଭିତରେ ପାର ହୋଇଥିଲେ । ପାରା ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଥିବା ଶ୍ରୀ ସେଠୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି । ଗଞ୍ଜାମ ଜିଲ୍ଲା ଛତ୍ରପୁର ସହର ବାସିନ୍ଦା ଶ୍ରୀ ସେଠୀ ଗତ ତିନି ବର୍ଷ ହେବ ସନ୍ତରଣ ତାଲିମ୍ ନେଉଛନ୍ତି । ଦୁଇ ବର୍ଷ ଧରି ସେ ଛତ୍ରପୁରସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣ କେନ୍ଦ୍ରରେ ତାଲିମ୍ ନେଉଥିଲେ । ବର୍ତ୍ତମାନ ୭ ମାସ ହେବ ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡ଼ିୟମ୍ ପରିସରରେ ହେଡ୍ କୋଚ୍ ଇସାନ୍ ହୁସେନଙ୍କ ଠାରୁ ତାଲିମ୍ ନେଉଛନ୍ତି । ପୂର୍ଣ୍ଣଚନ୍ଦ୍ରଙ୍କ ବୟସ ୩୦ ହୋଇଥିବା ବେଳେ ପିଲାଟି ଦିନରୁ ସେ ପୋଲିଓରେ ଆକ୍ରାନ୍ତ । ତାଙ୍କର ଗୋଟିଏ ଗୋଡ଼ ପୋଲିଓଯୁକ୍ତ ହୋଇଥିବା ସ୍ଥଳେ ମଧ୍ୟ ସେ ଭାଙ୍ଗି ପଡ଼ିନାହାନ୍ତି । ପିଲାବେଳେ ଗାଁ ପୋଖରୀରେ ସାଙ୍ଗ ସାଥୀଙ୍କ ସହ ସେ ପାଣିରେ ପହଁରିବାରେ ଅଭ୍ୟସ୍ତଥିଲେ । ହେଲେ ଆର୍ଥିକ ଅବସ୍ଥା ଭଲ ନଥିବାରୁ ନିଜର ଶିକ୍ଷାଗ୍ରହଣ ସମୟ ସରିବା ପରେ ସେ ଛତ୍ରପୁରସ୍ଥିତ ଏକ ହୋଟେଲ୍‌ରେ କାର୍ଯ୍ୟରତ ଥିଲେ । ସେଠାରୁ ଯାହା କିଛି ପ୍ରାପ୍ୟ ମିଳୁଥିଲା ସେଥିରେ ତାଙ୍କର ପରିବାର ପ୍ରତିପୋଷଣ କରୁଥିଲେ । କାରଣ ପୂର୍ଣ୍ଣଚନ୍ଦ୍ର ଘରର ବଡ଼ପୁଅ । ତାଙ୍କ ବାପା ଡ଼ମ୍ବରୁ ସେଠୀଙ୍କ ବିୟୋଗ ହୋଇଯାଇଛି । ଘରେ ପୂର୍ଣ୍ଣଚନ୍ଦ୍ରଙ୍କ ମୁଣ୍ଡରେ ତାଙ୍କ ଦୁଇ ସାନ ଭଉଣୀର ଦାୟିତ୍ୱ ମଧ୍ୟ । ଏପଟେ ମା ଶାନ୍ତ ସେଠୀ ମଧ୍ୟ ପରିବାର ପ୍ରତିପୋଷଣ ଲାଗି ତାଙ୍କ କୌଳିକ ବୃତ୍ତି କରନ୍ତି । ଏଭଳି କଷ୍ଟ ବେଦନା ଓ ଗରିବୀର ଯନ୍ତ୍ରଣା ମୁଣ୍ଡ ଉପରେ ଥାଇ ସୁଦ୍ଧା ପୂର୍ଣ୍ଣ ନିଜ ପରକାଷ୍ଠା ଦେଖାଇବୁ ଅଦମ୍ୟ ସାହାସ କରି ଆଗକୁ ଆସିଛନ୍ତି । ପିଲାଦିନେ ପୋଖରୀରେ ପହଁରିବାର ଦୃଢ଼ ଅଭ୍ୟାସକୁ ଭିତ୍ତି କରି ସେ ସନ୍ତରଣ ଶିକ୍ଷାପ୍ରତି ମନ ବଳାଇଥିଲେ । ବିଭିନ୍ନ ଖବର କାଗଜ ଓ ଟିଭିରେ ପାରା ଆଥ୍‌ଲେଟିକ୍ ବିଷୟରେ ଜାଣିବା ପରେ ସନ୍ତରଣ ଶିକ୍ଷା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଥିଲେ। ଏହିକ୍ରମରେ ସେ ଛତ୍ରପୁରଠାରେ ତାଲିମ୍ ଗ୍ରହଣ କରିବା ସହ ଏବେ ଜାତୀୟସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି । ପିଲାବେଳେ ଅଜାଘରେ ରହି ଶିକ୍ଷା ଗ୍ରହଣ କରୁଥିଲେ । କରାପଲ୍ଲୀ ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ବାସୁଦେବ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଅଧ୍ୟୟନ କରିଥିଲେ । ଏଠାରେ ମଧ୍ୟ ସେ କୃତିତ୍ୱର ସହ ନିଜ ଅଧ୍ୟୟନ ସମାପନ କରି ପଣ୍ଡିତ ନୀଳକଣ୍ଠ ଏକାଡ଼େମୀ ଛତ୍ରପୁରରେ ଯୁକ୍ତ ତିନି ପାସ୍ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଜୀବନରେ ଜଣେ ବଡ଼ କ୍ରୀଡ଼ାବିତ୍ ହେବାକୁ ଆଶା ବାନ୍ଧିଥିବା ବେଳେ ଆର୍ଥିକ ସମସ୍ୟା ପିଛା ଛାଡୁନି । ସରକାରୀ ସ୍ତରରେ ଆଉ କିଛି ସହାୟତା ମିଳିଥିଲେ ସେ ଦେଶ ଓ ମାଟି ମାର ନାମ ଉଚ୍ଚରେ ରଖିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ସମ୍ପ୍ରତି ଜାତୀୟ ସ୍ତରରେ ଖେଳିବାକୁ ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି ।

# ବନୀକରଣ ନାଁରେ ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**



କେଉଁଠି ଖାଲି ଡଙ୍ଗର ତ ଆଉ କେଉଁ ମକା ଫସଲକୁ ବନୀକରଣ କରି ଦେଖାଯାଇଛି। କେଉଁଠାରେ ହେଲେ ସୂଚନାଫଳକଟିଏ ଲଗାଯାଇନାହିଁ। ରୋପଣ ପାଇଁ ଚାରା ସଂଗ୍ରହ କରି ଗଦା କରାଯାଇଛି, କିନ୍ତୁ ଗୋଟାଏ ହେଲେ ଚାରାରୋପଣ କରାଯାଇନି। ବନୀକରଣ ନାଁରେ ଲକ୍ଷାଧିକ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହେଉଛି। ଏ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ବନାଞ୍ଚଳରେ। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଅଭିଯୋଗରୁ ମିଳିଥିବା ସୂଚନା ଅନୁଯାୟୀ, ରାଇଘର ବନାଞ୍ଚଳରେ ୨୦୨୦-୨୧ ଠାରୁ ୨୦୨୩-୨୪ ମଧ୍ୟରେ ହାତୀଗାଁ, ଟିମନପୁର, ମାଣ୍ଡି ଆବେଡ଼ା ଓ ସୋନପୁର ଆଦି ୪ଟି ବିଟ୍‌ରେ ୩୬୦ ହେକ୍ଟର ଜମିରେ ବନୀକରଣ କରାଯାଇଥିଲା। ବର୍ତ୍ତମାନ ଏଠାରେ ଗୋଟିଏ ହେଲେ ଗଛ ବଞ୍ଚିନାହିଁ। ସେଗୁଡିକ ମଧ୍ୟରୁ ହାତୀଗାଁ ସଂରକ୍ଷିତ ଜଙ୍ଗଲର ହାତୀଗାଁ ଓ ଟିମନପୁର ବିଟ୍‌ର ୮୫ ହେକ୍ଟର ଜମିରେ ଗୋଟିଏ ବି ଗଛ ନାହିଁ। ସେହିପରି ହାତୀଗାଁ ବିଟ୍‌ରେ ୭୦ ହେକ୍ଟର ଜମିରେ ବନୀକରଣ କରାଯାଇଥିଲା। ସେଥିରେ ୧୪ ହଜାର ଚାରାରୋପଣ ପାଇଁ ଜମି ନାହିଁ। ଏଠାରେ କେବଳ କାଗଜକଲମରେ ବନୀକରଣ କରାଯାଇଛି। ସେହିପରି ହାତୀଗାଁ ବିଟ୍‌ର ଫାଲିଆପାରା ଗାଁରେ ୫୦ ହେକ୍ଟର ଓ ମାଣ୍ଡିଆବେଡ଼ାରେ ୫୦ ହେକ୍ଟର ଜମିରେ ମାତ୍ର ୪୦୦ଟି ଚାରାକୁ ରୋପଣ କରାନଯାଇ କେବଳ ଗଦା କରି ରଖାଯାଇଛି। ଚଳିତ ଖରାଦିନେ ଚାରାଗୁଡ଼ିକ ଆଉ କାମରେ ଲାଗିବ ନାହିଁ। ସେହିପରି ସୋନପୁର ଓ ହାତୀଗାଁ ବିଟ୍‌ରେ ୨୦ ହେକ୍ଟର ଓ ୮୫ ହେକ୍ଟର ଜମିରେ ଚାରାରୋପଣ କରାଯାଇଥିବା ଦର୍ଶାଇଯାଇଛି। କିନ୍ତୁ ଗୋଟାଏ ହେଲେ ଚାରା ସେଠାରେ ଲଗାଯାଇନି। ବନୀକରଣ ପାଇଁ କାମ୍ପା, ମନରେଗାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ନାଁ ବନୀକରଣ ହୋଉଛି ନାଁ ଗଛ ବଞ୍ଚୁଛି। କେବଳ ରାଇଘର ବ୍ଲକର ୪ଟି ବିଟ୍‌ରେ ବନୀକରଣ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରାଯାଇଛି। ଜିଲ୍ଲାର ଅନ୍ୟ ରେଞ୍ଜ ଅଧୀନରେ ମଧ୍ୟ ବନୀକରଣ ପାଇଁ ଲକ୍ଷାଧକ ଟଙ୍କା ଅନୁଦାନ ଆସୁଛି। ଜିଲ୍ଲାରେ ଦିନକୁ ଦିନ ପ୍ରାକୃତିକ ଜଙ୍ଗଲ ଧ୍ୱଂସ ପାଉଛି। ବନୀକରଣ କେବଳ କାଗଜକଲମରେ ଚାଲିଥିବା ଅଭିଯୋଗ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାର ୫ ହାଜର ୨୯୪ ବର୍ଗ କିମି ଭୌଗୋଳିକ ଅଞ୍ଚଳ ରହିଛି। ସେଥିରୁ ୨ ହଜାର ୪୬୨.୭୩ ବର୍ଗ କିମି ଜଙ୍ଗଲ ରହିଛି। ସେଥିଭିତରୁ ବର୍ତ୍ତମାନ ସୁଦ୍ଧା ୪୦୦ ବର୍ଗ କିମି ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି। ଆଉ ୩୦୦ ବର୍ଗ କିମି ଜଙ୍ଗଲ ଜବରଦଖଲରେ ରହିଛି। ବର୍ତ୍ତମାନ ସୁଦ୍ଧା ୭୦୦ ବର୍ଗ କିମି ଜଙ୍ଗଲ ହ୍ରାସ ପାଇଯାଇଛି। ବଳକା ୧ ହଜାର ୭୬୨ ବର୍ଗ କିମି ଜଙ୍ଗଲ ଅଞ୍ଚଳ ରହିଛି। ଏହା କେବଳ ବିଭାଗର ତଥ୍ୟ କହୁଛି। ଅସଲ କଥା ହେଲା, ଜିଲ୍ଲାର ଅଧିକାଂଶ ଜଙ୍ଗଲ ଧ୍ୱଂସ ହୋଇଯାଇଛି। ଏହାକୁ ଆଗାମୀ ଭବିଷ୍ୟତ ପାଇଁ ସଂରକ୍ଷିତ କରାନଗଲେ ଆଗକୁ ଜିଲ୍ଲାର ପରିସ୍ଥିତି ଆହୁରି ଜଟିଳ ହେବ। ତେଣୁ ଜଙ୍ଗଲ ସୁରକ୍ଷା ପ୍ରତି ବନ ବିଭାଗ ଗୁରୁତ୍ୱ ଦେବା ସହିତ ବନୀକରଣ ଯୋଜନାଗୁଡିକକୁ ତଦାରଖ କରାନଗଲେ ଆଗାମୀ ଦିନରେ ଜଙ୍ଗଲ ପାଇଁ ଦରମା ପାଉଥିବା କର୍ମଚାରୀ ହିଁ ଭକ୍ଷକ ସାଜିବେ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଜଙ୍ଗଲ ସୁରକ୍ଷା ପ୍ରତି ବନ ବିଭାଗ ଗମ୍ଭୀରତାର ସହ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଡିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ସୀମାନ୍ତ ଭୋଟରଙ୍କୁ ଆଖେଇଲାଣି ଆନ୍ଧ୍ର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ରହୁଥିବା ଭୋଟରଙ୍କ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି । ସାଧାରଣ ନିର୍ବାଚନ ପାଇଁ ଏବେ ନେତା, ମନ୍ତ୍ରୀ ଲୋକଙ୍କ ନିକଟତର ହେବାରେ ବ୍ୟସ୍ତ ଥିବା ବେଳେ ଆନ୍ଧ୍ରର ନେତା-ମନ୍ତ୍ରୀ ଓ ପ୍ରଶାସନ ଏଥିରୁ ଦୁଇ ପାଦ ଆଗରେ । ନିର୍ବାଚନୀ ବୈତରଣୀ ପାର ହେବାପାଇଁ ଏବେ ସେମାନେ ଓଡ଼ିଶା ସୀମାନ୍ତ ଭୋଟରଙ୍କୁ ଆଖେଇଛନ୍ତି । ଏଥର ଗୋଟିଏ ପର୍ଯ୍ୟାୟରେ ବ୍ରହ୍ମପୁର ଲୋକସଭା ଆସନ ସହ ଆନ୍ଧ୍ରର ଗୋଟିଏ ଲୋକସଭା ପାଇଁ ମତଦାନ ହେବାକୁ ଥିବାରୁ ଆନ୍ଧ୍ରର ନେତା ମନ୍ତ୍ରୀମାନେ ଓଡ଼ିଶାର ଏହି ଭୋଟର ମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ଲାଗି ପଡ଼ିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ସୂଚନାନୁସାରେ, ଆସନ୍ତା ମଇ ୧୩ ତାରିଖରେ ଆନ୍ଧ୍ରର ଶ୍ରୀକାକୁଲମ୍ ଲୋକସଭା କ୍ଷେତ୍ର ସମେତ ବ୍ରହ୍ମପୁର ଲୋକସଭା ନିର୍ବାଚନୀ ମଣ୍ଡଳୀର ମଧ୍ୟ ଭୋଟ ରହିଛି । ଏଥିଲାଗି ଆନ୍ଧ୍ରର କିଛି ନେତା ଓ କର୍ମୀ ଏବଂ ସେଠାକାର ପ୍ରଶାସନ ଏବଂ ସୀମାନ୍ତର କିଛି ଗ୍ରାମର ଭୋଟରଙ୍କ ନିକଟତର ହେବା ଆରମ୍ଭ କରିଦେଇଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ । ବିଭିନ୍ନ ସମୟରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ବ୍ୟସ୍ତ ଥିବା ଆନ୍ଧ୍ର ନେତା ଓ ପ୍ରଶାସନ ବିଭିନ୍ନ ଗ୍ରାମରେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ ପ୍ରଚାର କରୁଛନ୍ତି । ଏପରିକି ବିଗତ ଦିନରେ ଆନ୍ଧ୍ର ସରକାରଙ୍କ ଯୋଜନାର କିଛି ପୋଷ୍ଟର ସୀମାନ୍ତ ଗ୍ରାମମାନଙ୍କରେ ଦେଖିବାକୁ ମିଳିଥିଲା । କିଛି ଲୋକ ସେଠାକାର ପ୍ରଶାସନ ଦ୍ୱାରା ସରକାରୀ ସହାୟତା ମଧ୍ୟ ପାଇଥିବା ଖବର ବହୁବାର ନଜରକୁ ଆସିଛି । ସୂଚନାନୁଯାୟୀ, ଗଞ୍ଜାମ ଜିଲ୍ଲା ସୀମନ୍ତରେ ଥିବା ପାତ୍ରପୁର ବ୍ଲକ୍ ଆନ୍ଧ୍ର ସୀମାକୁ ଲାଗି ରହିଛି । ଏଠାକାର ବହୁ ଗ୍ରାମରେ ଆନ୍ଧ୍ର ସରକାର ଓ ପ୍ରଶାସନ ସେମାନଙ୍କ ଲୋଲୁପ ଦୃଷ୍ଟି ଢାଳିଥିବା କଥା କାହାକୁ ଅଛପା ନାହିଁ । ଏପରିକି ପାତ୍ରପୁର ବ୍ଲକ୍‌ର ବୁରାତାଲ, ତୁମ୍ବା, ବି. ନୂଆଗାଁ ଆଦି ପଞ୍ଚାୟତର କିଛି ଗ୍ରାମରେ ଆନ୍ଧ୍ର ପ୍ରଶାସନ ଓ ସରକାରଙ୍କ ବେଆଇନ୍ ଅନୁପ୍ରବେଶ କଥା ମଧ୍ୟ ବିଗତ ଦିନରେ ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଅଞ୍ଚଳର ବହୁ ଭୋଟରଙ୍କ ଠାରେ ଦୁଇଟି ରାଜ୍ୟର ପ୍ରମାଣପତ୍ର ମଧ୍ୟ ରହିଛି । କିଛି ଭୋଟର ଗତ ପଞ୍ଚାୟତ ନିର୍ବାଚନରେ ଆନ୍ଧ୍ରରେ ମଧ୍ୟ ମତଦାନ କରିଥିବା ଦେଖିବାକୁ ମିଳିଥିଲା । ଏଣୁ ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନ ଦିନ ଓଡ଼ିଶା ପ୍ରଶାସନ ସେଠାରେ ଡ଼େରା ପକାଇ ରହିଥିଲା । ହେଲେ ଚଳିତ ସାଧାରଣ ନିର୍ବାଚନରେ ସୀମାନ୍ତ ଭୋଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି । ଏମାନେ କେଉଁଠାରେ ମତଦାନ କରିବେ ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ନିର୍ବାଚନ ଲାଗି ଉଭୟ ପୋଲିସ ଓ ପ୍ରଶାସନ ଆଗୁଆ ସଜାଗ ହୋଇ ସୀମାନ୍ତ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି । ଗତ ୨୦୨୦ ମସିହା ଆନ୍ଧ୍ର ପ୍ରଦେଶ ପଞ୍ଚାୟତ ନିର୍ବାଚନରେ ତୁମ୍ବା ପଞ୍ଚାୟତର କୁଲାଡ଼ି ଗ୍ରାମର ଜଣେ ମହିଳା ୱାର୍ଡ଼ସଭ୍ୟ ଭାବେ ନାମାଙ୍କନ ଦାଖଲ କରିଥିବା ସେତେବେଳେ ଚର୍ଚ୍ଚା ଜୋର୍ ଧରିଥିଲା । ସେହିଭଳି ଇଚ୍ଛାପୁର ନିକଟସ୍ଥ ଓଡ଼ିଶାର ବି. ନୂଆଗାଁ ପଞ୍ଚାୟତ ଅଧୀନ କିଛି ଗ୍ରାମର ଭୋଟର ନିକଟସ୍ଥ ପଞ୍ଚାୟତରେ ମଧ୍ୟ ମତଦାନ କରିଥିବା ଦେଖିବାକୁ ମିଳିଥିଲା । ଅନ୍ୟ ଏକ ସୂତ୍ର ଅନୁଯାୟୀ, ପାତ୍ରପୁର ବ୍ଲକ୍ ଏକ ନିର୍ଦ୍ଦିଷ୍ଟ ଗ୍ରାମ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ମଣ୍ଡଳ, ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ସମେତ ପାତ୍ରପୁର ବ୍ଲକ୍ ଅଧୀନରେ ଭିନ୍ନଭିନ୍ନ ନାମରେ ରହିଥିବା ସୂଚନା ମିଳିଛି । ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟପକ୍ଷରେ ଓଡ଼ିଶା ଭୋଟର ଓଡ଼ିଶାରେ ହିଁ କିଭଳି ମତଦାନ କରିବେ, ସେନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଥିବା ସ୍ଥାନୀୟ କିଛି ନେତା କହିଛନ୍ତି । ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ମତାମତ ମିଳିପାରିନାହିଁ ।

# ବିଦେଶୀ ପର୍ଯ୍ୟଟକଙ୍କ ଉନ୍ମତ୍ତ କାଣ୍ଡ : ପୁଲିସ, ସେବାୟତଙ୍କୁ ପିଟିଲା

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଇଂଲଣ୍ଡରୁ ପୁରୀ ବୁଲି ଆସିଥିବା ଜଣେ ବିଦେଶୀ ପର୍ଯ୍ୟଟକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ପ୍ରଥମେ ସ୍ୱର୍ଗଦ୍ୱାର ଓ ପରେ ଶ୍ରୀମନ୍ଦିରରେ ଗଣ୍ଡଗୋଳ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଛନ୍ତି। ଶ୍ରୀମନ୍ଦିରରେ ପ୍ରବେଶ ଉଦ୍ୟମ ବେଳେ ପୁଲିସ ଓ ସେବାୟତ ଅଟକାଇବାକୁ ଚେଷ୍ଟା କରି ମାଡ଼ ଖାଇଛନ୍ତି। ଜଣେ ସେବାୟତଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପରେ ଟାଉନ୍ ଥାନା ପୁଲିସ ସଂପୃକ୍ତ ବିଦେଶୀ ଯୁବକଙ୍କୁ କାବୁ କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି ବେଳେ ସେଠାରେ ବି ସେ ଗଣ୍ଡଗୋଳ କରିଛନ୍ତି। ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଅନେକ ବିଦେଶୀ ପୁରୀରେ ଆସି ଏଭଳି ବିଚରଣ କରିବା ସହ ଉନ୍ମତ୍ତ କାଣ୍ଡ ଘଟାଉଥିବା ବେଳେ ତୁରନ୍ତ ଏମାନେ କେଉଁଠୁ ଆସୁଛନ୍ତି, କାହିଁକି ଆସୁଛନ୍ତି, ବୈଧ କାଗଜପତ୍ର ଅଛି କି ନାହିଁ ତାହାର ବିଧିବଦ୍ଧ ଯାଞ୍ଚ କରିବାକୁ ସ୍ୱର୍ଗଦ୍ୱାର ସେବା ସମିତିର ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି। ସେ ଏ ସମ୍ପର୍କରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନିବେଦନ କରିଛନ୍ତି। ଗତ କିଛିଦିନ ହେବ ଇଂଲଣ୍ଡର ଏହି ଯୁବକ ଜଣକ ଗତକାଲି ନିଶାଗ୍ରସ୍ତ ଅବସ୍ଥାରେ ସ୍ୱର୍ଗଦ୍ୱାରରେ ପଶି ପାଟିତୁଣ୍ଡ କରିବା ସହ କର୍ମଚାରୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କିନ୍ତୁ ବିଦେଶୀ ହୋଇଥିବାରୁ କର୍ମଚାରୀମାନେ ଛାଡ଼ିଦେଇଥିଲେ। ସଂପୃକ୍ତ ଯୁବକ ପୁଣିଥରେ ସ୍ୱର୍ଗଦ୍ୱାରକୁ ଆସି ଗଞ୍ଜେଇ ଟାଣିବା ସହ ନିଶାଗ୍ରସ୍ତ ଅବସ୍ଥାରେ ସ୍ୱର୍ଗଦ୍ୱାରରେ ଗଣ୍ଡଗୋଳ କରିଥିଲେ। ବାରଣ କରୁଥିବା କର୍ମଚାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅଟକାଇବାକୁ ବହୁ ଚେଷ୍ଟା ପରେ ବିଫଳ ହେବାରୁ କର୍ମଚାରୀ ମାନେ ସମୁଦ୍ରକୂଳ ଥାନାକୁ ଜଣାଇଥିଲେ। ସମୁଦ୍ରକୂଳ ଥାନା ପୁଲିସ ଆସି ଯୁବକଙ୍କୁ ଥାନାକୁ ନେଇଥିଲା। ପରେ ଯୁବକର ଭିସା ଓ ଅନ୍ୟ କାଗଜପତ୍ର ଯାଞ୍ଚ କରି ଛାଡ଼ିଦେଇଥିଲା। ସମୁଦ୍ରକୂଳ ଥାନାରୁ ଛାଡ଼ିବାର କିଛି ଘଣ୍ଟା ପରେ ବିଦେଶୀ ଜଣକ ଶ୍ରୀମନ୍ଦିର ବେହରଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପଶିବାକୁ ଉଦ୍ୟମ କରୁଥିଲେ। ନିୟୋଜିତ ପୁଲିସ ଓ ପାଖରେ ଥିବା ସେବାୟତମାନେ ତାଙ୍କୁ ଅଟକାଇବା ବେଳେ ସେ ମାରପିଟ୍ କରିଥିଲେ। ବିଦେଶୀଙ୍କ ମାଡ଼ରେ ହରିହର ପ୍ରତିହାରୀ ନାମକ ସେବକ ଗୁରୁତର ହୋଇଛନ୍ତି । ପରେ ଯୁବକଙ୍କୁ ଟାଉନ୍ ଥାନା ଅଟକ ରଖିଥିଲା। ସନ୍ଧ୍ୟାରେ ଯୁବକଙ୍କୁ ଡାକ୍ତରଖାନାରେ ନେଇ ଚିକିତ୍ସା କରାଉଥିବା ବେଳେ ପୁଣିଥରେ ନିଶାଗ୍ରସ୍ତ ଅବସ୍ଥାରେ ସେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସନ୍ଧ୍ୟାରେ ପୁଲିସ ତାଙ୍କୁ ଛାଡ଼ିଦେବା ପରେ ସେ ପୁଣି ଯାଇ ସ୍ୱର୍ଗଦ୍ୱାର ଭିତରେ ପଶିଥିଲେ।

# ଓକିଲ ସଂଘ ନିର୍ବାଚନ : ରଘୁ ସଭାପତି, ସମ୍ଭିତ ସଂପାଦକ

**ବାଲେଶ୍ୱର, ନ୍ୟୁଜ୍**

ଗତ କିଛି ଦିନ ଧରି କଚେରୀ ହତାର ପାଣିପାଗକୁ ଉଷ୍ମ କରିଦେଉଥିବା ବାଲେଶ୍ୱର ବାର୍ ଏସୋସିଏସନର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏଥର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନୋଜ ନାୟକଙ୍କୁ ୧୯୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଶ୍ରୀ ପ୍ରଧାନଙ୍କୁ ୬୫୪ ଖଣ୍ଡ ଓ ଶ୍ରୀ ନାୟକଙ୍କୁ ୪୫୯ ଖଣ୍ଡ ଭୋଟ ମଳିଛି। ସେହିପରି ବିଜୟୀ ସଂପାଦକ ଶ୍ରୀ ନନ୍ଦୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦୀପକ କୁମାର ଦାଶଂକୁ ମାତ୍ର ୫ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ କରିଛନ୍ତି।

ଏହା ବ୍ୟତୀତ ସହ ସଂପାଦକ ଭାବେ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ପିନାକୀ ଧୀର, କୋଷାଧ୍ୟକ୍ଷ ଭାବେ ଶିବଶଙ୍କର ପଣ୍ଡା, ସହ କୋଷାଧ୍ୟକ୍ଷ ମମତା ବେହେରା ଜୟଯୁକ୍ତ ହୋଇଛନ୍ତି। ୧୨ ସଦସ୍ୟ ବିଶିଷ୍ଟ କାର୍ଯ୍ୟକାରୀ କମିଟିକୁ ଜ୍ଞାନରଞ୍ଜନ ପାଣି, ନିଶାନ୍ତ ପଟ୍ଟନାୟକ, ପ୍ରଭାତ କୁମାର ଦାସ, ସଂଜୟ କୁମାର ଚୌଧୁରୀ, ରାମକୃଷ୍ଣ ଜେନା, ବରେନ୍ଦ୍ର ସେଠୀ, ମହମ୍ମଦ ଇସଲାମ, ବାସନ୍ତୀ ସାହୁ, ଧୀରେନ୍ଦ୍ର କୁମାର ମିଶ୍ର, ଦେବାଶୀଷ ପାତ୍ର, ଅକ୍ଷୟ କୁମାର ପାତ୍ର, ଦିଗମ୍ବର ମିଶ୍ର ବିଜୟୀ ହୋଇଛନ୍ତି। ଆସୋସିଏସନର ମୋଟ୍ ୧୪୦୨ ଜଣ ସଭ୍ୟଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ୧୧୫୦ଜଣ ମତଦାନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତିଗ୍ରସ୍ତଙ୍କ...

ପାଇଁ ନୁହେଁ, ବରଂ ଏକ ବିକଶିତ ଭାରତ ଗଢ଼ିବା ପାଇଁ ନିର୍ବାଚନ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତମାନେ କାନ ଖୋଲି ଶୁଣିବା ଉଚିତ, ସେମାନେ ମୋଦିଙ୍କ ଉପରେ ଯେତେ ଆକ୍ରମଣ କଲେ ମଧ୍ୟ ଏହି ମୋଦି ଅଟକିବ ନାହିଁ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତମାନେ ଯେତେ ବଡ଼ ହୁଅନ୍ତୁ ନା କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ନିଶ୍ଚିତ ଭାବେ ହେବ। ଯେଉଁମାନେ ଦେଶକୁ ଲୁଟିଛନ୍ତି ସେମାନଙ୍କୁ ଫେରାଇବାକୁ ପଡ଼ିବ। ଏହା ହେଉଛି ମୋଦିର ଗ୍ୟାରେଣ୍ଟି ।

## ଭୁବନେଶ୍ୱରରେ ହିଟ୍ ...

ଦିଲୀପଙ୍କ ଉପରେ ମାଡି ଆସିଥିଲା। ଦିଲୀପ ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡ଼ିଥିବା ବେଳେ ଡ୍ରାଇଭର ଜଣକ ସେଠାରୁ ଫେରାର ମାରିଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ପୁଲିସ ଦିଲୀପଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ ମୃତକଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରୁଛି। ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ତେବେ ରାଜଧାନୀର ଛାତି ଉପରେ ଏଭଳି ଘଟଣାକୁ ଦେଖି ଥିବା ଲୋକେ ଭୟଭୀତ ହୋଇଯାଇଛନ୍ତି।

## ଘରକୁ ଯାଇ...

ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ, ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଓ କୃଷି ବୈଜ୍ଞାନିକ ଡଃ.ଏମ୍‌ଏସ ସ୍ୱାମୀନାଥନ ସାମିଲ ଥିଲେ। ତେବେ ସ୍ୱାସ୍ଥାବସ୍ଥା ଠିକ ନଥିବାରୁ ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଉପସ୍ଥିତ ହୋଇ ପାରିନଥିଲେ ଶ୍ରୀ ଆଡଭାନୀ।

## ଜାତୀୟ ରାଜନୀତିରେ...

ମାଗଣା ବିଜୁଳି, ପ୍ରତି ଗ୍ରାମରେ ଗୋଟିଏ ଭଲ ସ୍କୁଲ, ପ୍ରତିଗ୍ରାମରେ ମହଲା କ୍ଲିନିକ, ପ୍ରତି ଜିଲ୍ଲାରେ ବହୁମୁଖୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚାଷୀଙ୍କୁ ଏମଏସପି, ଦିଲ୍ଲୀବାସୀଙ୍କୁ ନ୍ୟାୟ। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ବି ନିଜ ଉଦ୍‌ବୋଧନରେ କେନ୍ଦ୍ର ଉପରେ ବର୍ଷିଥିଲେ। ଦେଶର ସମ୍ବିଧାନକୁ ନଷ୍ଟ କରାଯାଉଥିବାବେଳେ ନାଗରିକ ଅଧିକାର ବିପନ୍ନ ହୋଇଛି ବୋଲି ସେ କହିଥିଲେ। ରାମଲୀଳା ମଇଦାନରେ ଆୟୋଜିତ ଲୋକତନ୍ତ୍ର ବଞ୍ଚାଓ ରାଲିରେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ । ସମାବେଶରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ନେତା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ସମାଜବାଦୀ ପାର୍ଟି ସୁପ୍ରିମୋ ଅଖିଳେଶ ଯାଦବ, ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ, ଏନସି ନେତା ଫାରୁକ ଅବଦୁଲ୍ଲା, ପିଡିପି ମୁଖ୍ୟ ମେହବୁବା ମୁଫତି, ଶିବସେନା ନେତା ଉଦ୍ଧବ ଠାକରେ, ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଓ ବାମପନ୍ଥୀ ନେତା ପ୍ରମୁଖ ଯୋଗଦେଇଥିଲେ।

## ପୁଣି ନକ୍ସଲ ହିଂସା ...

ଥାନା ଠାରୁ ମାତ୍ର ୫ ଶହ ମିଟର ଦୂରରେ ନକ୍ସଲ ଉତ୍ପାତ ମଚାଇଥିଲେ। ସ୍ଥାନୀୟ ମାଇନସକୁ ଯାଉଥିବା ଚାରୋଟି ଟ୍ରକକୁ ନିଆଁ ଲଗାଇ ପୋଡି ଦେଲେ। ସମସ୍ତ ଟ୍ରକରେ ଲୁହାଛଡ଼ ରହିଥିଲା । ନିଆଁ ଲାଗି ଟ୍ରକଗୁଡିକ ପୋଡ଼ି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ ଅମଦାଇ ମାଇନ୍‌ସ ନାମକ ଏକ ସଂସ୍ଥା ରହିଛି । ଏହାକୁ ନକ୍ସଲ ପୂର୍ବରୁ ହିଁ ବିରୋଧ କରିଆସୁଥିଲେ । ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୁରାଇଙ୍କ ୯୭ ରନରେ ଜିତିଲା ଟିମ୍-ସି



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନର ମ୍ୟାଚ୍‌ରେ ଟିମ୍-ସି ଟିମ୍-ଇକୁ ୬ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ୍-ଇ ୩୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁରଜିତ ଦେଓ ୪୦ ଓ ଅଂଶ ଅଗ୍ରୱାଲ ଏବଂ ଅବିନାଶ ଦାସ ୩୦ ରନ ଲେଖାଏଁ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦପ୍ତାଂଶୁ ରାଜ ବେହେରା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଟିମ୍-ସି ୨୨.୧ ଓଭରରେ ୪ଟି ଉଇକେଟ ହରାଇ ୨୦୬ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ସୁରାଇ ହେମ୍ବ୍ରମ ୯୭ ଓ ଅଂଶୁମାନ ଗିରି ୪୬ କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ଭିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ବରିଷ୍ଠ ସଭ୍ୟ ମଳୟ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

ଭୁବନେଶ୍ୱର
୦୧ ଅପ୍ରେଲ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24
















ଭୁବନେଶ୍ୱର : ଉତ୍କଳ ଦିବସ ପାଇଁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜେଇ ହୋଇଛି ରାଜଧାନୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସୌଧ। (ଫଟୋ : ସମ୍ବାଦ କଳିକା)

## ଆଜି ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ଲାଗି ନୀତି : ସଂଧ୍ୟା ୬ରୁ ରାତି ୧୦ ଦର୍ଶନ ବନ୍ଦ

**ପୁରୀ, ୩୧/୦୩ ନ୍ୟୁଜ ବ୍ୟୁରୋ**
ସୋମବାର ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର କୃଷ୍ଣ ସପ୍ତମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ଲାଗି ନୀତି ହୁଏ । ଏହା ଏକ ଗୁପ୍ତ ନୀତି। ଏଣୁ ସୋମବାର ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଅବଗତି ନିମନ୍ତେ ଏହି ସୂଚନା ଦିଆଯାଇଛି । ଖସାପଡ଼ା ଲାଗି ହେଉଛି ଏକ ଗୁପ୍ତ ନୀତି। ଏହି ନୀତିରେ ଶ୍ରୀଜୀଉଙ୍କର ଶ୍ରୀପୟର ସୁରକ୍ଷା ଲାଗି



କରାଯାଇଥାଏ । ମହପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡାରେ ଘୋଡାଇ ଦିଆଯାଏ। ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ସେହିପରି ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥାନ୍ତି। ମଧାହ୍ନ ଧୂପ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଏ। ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ଯାଇ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି।

## ବିଜେଡିରେ ମିଶିଲେ ଚିରଞ୍ଜୀବ, ସୁକାନ୍ତ, ବୃନ୍ଦାବନ ଓ ଅବକାଶ

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**
ଭୁଶୁଡୁଛି ବିରୋଧୀଙ୍କ ଗଡ଼ । ଦଳ ଛାଡି ବିଜେଡିକୁ ଆସୁଛନ୍ତି ବିଜେପି ଓ କଂଗ୍ରେସର ବରିଷ୍ଠ ନେତା । ଗୋଟିଏ ଦିନରେ ଚାରି ଚାରି ଜଣ ବରିଷ୍ଠ ନେତା ବିଜେଡିରେ ହୋଇଛନ୍ତି ସାମିଲ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଓ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି ନେତା ।
ଶଙ୍ଖ ଭବନରେ ଲାଗିଛି ମିଶ୍ରଣ ପର୍ବ । ଜଣକ ପରେ ଜଣେ ବିଜେପି ଓ କଂଗ୍ରେସ ନେତା ସାମିଲ ହେଉଛନ୍ତି ବିଜେଡିରେ । ରବିବାର ପ୍ରଥମେ ଜଗତସିଂହପୁରର ବରିଷ୍ଠ ନେତା ତଥା ପୂର୍ବତନ କଂଗ୍ରେସ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଶଙ୍ଖ ଭବନରେ ବିଜେଡିରେ ସାମିଲ ହୋଇଥିଲେ । ଏହାପରେ ନୀଳଗିରି ବିଜେପି ବିଧାୟକ ସୁକାନ୍ତ




ନାଏକ ଶଙ୍ଖ ଫୁଙ୍କି ଥିଲେ । ସୁକାନ୍ତଙ୍କ ଘର ବାହୁଡ଼ା ହୋଇଥିବା ବେଳେ ତାଙ୍କ ସହ ଶତାଧିକ ନେତା ଓ କର୍ମୀ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏହି କ୍ରମରେ ଶଙ୍ଖ ଭବନରେ ତୃତୀୟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । କୁଚିଣ୍ଡାର ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ନିଜ ସମର୍ଥକଙ୍କ ସହ ଆସି ବିଜେଡିରେ ସାମିଲ ହୋଇଥିଲେ । ତାଙ୍କ ସହ ଶତାଧିକ ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ବୃନ୍ଦାବନଙ୍କ ପରେ ପରେ ଶଙ୍ଖ ଭବନରେ ଆୟୋଜିତ ହୋଇଥିଲା ଚତୁର୍ଥ ମିଶ୍ରଣ ପର୍ବ । ଏଥିରେ ବୌଦ୍ଧର ବରିଷ୍ଠ କଂଗ୍ରେସ ନେତା ଅବକାଶ ସାହୁ ବିଜେଡିରେ ସାମିଲ ହୋଇଥିଲେ । ୨୦୧୪ ନିର୍ବାଚନରେ ସେ କଂଗ୍ରେସରୁ ହୋଇଥିଲେ ବିଧାୟକ ପ୍ରାର୍ଥୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ନେତାମାନେ ବିଜେଡିରେ ସାମିଲ ହୋଇଥିବା ସେ କହିଛନ୍ତି । ଦଳକୁ ତୃଣମୂଳ ସ୍ତରରୁ ଆହୁରି ମଜଭୁତ କରିବା ସହ ସେମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯିବ ନିଷ୍ଠାର ସହ କରିବେ ବୋଲି କହିଛନ୍ତି ଏହି ନେତାମାନେ ।
ସେହିପରି ରାଜଗାଙ୍ଗପୁର ବିଜେପିକୁ ଝଟକା। ବିଜେପି ଛାଡି ବିଜେଡିରେ ମିଶିଲେ ୨୦୧୪ର ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ। ବିଜେପିର ପୂର୍ବତନ ନଗର ସଭାପତି ଓ ରାଜଗାଙ୍ଗପୁର ବିକାଶ ପରିଷଦ ସଭାପତି ସୁନିଲ ଅଗ୍ରୱାଲ ଏବଂ ରାଜଗାଙ୍ଗପୁରର ପୂର୍ବତନ ନଗର କଂଗ୍ରେସ କମିଟି ସଭାପତି ରତନ କୁମାର ସାହୁ ଶଙ୍ଖ ଭବନରେ ଆୟୋଜିତ ହୋଇଥିବା ମିଶ୍ରଣ କର୍ଯ୍ୟକ୍ରମରେ ବିଜେଡିରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ସାରଦା ନାୟକ, ସାଂସଦ ସସ୍ମିତ ପାତ୍ର, ବରିଷ୍ଠ ନେତା ମଙ୍ଗଳା କିସାନଙ୍କ ସହ ପର୍ଯ୍ୟବେକ୍ଷକ ଓ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା, ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ଏହି ନେତା। ଉପେନ୍ଦ୍ର ପ୍ରଧାନ, ରତନ ସାହୁ, ସୁନିଲ ଅଗ୍ରୱାଲ ଜଣେ ଜଣେ ଭଲ ସଂଗଠକ। ସୁନ୍ଦରଗଡ଼ରେ ଏମାନଙ୍କ ଯୋଗଦାନ ପରେ ଆହୁରି ସୁଦୃଢ଼ ହୋଇଛି ବିଜେଡି।

## ତିନି ମହିଳା ସୁନା ତସ୍କରଙ୍କୁ ଧରିଲେ ବିଏସଏଫ ଯବାନ

**କୋଲକାତା, ୩୧/୦୩**
ବିଏସ୍ଏଫ୍ ଜାଲରେ ସୁନା ଚୋରା ଚାଲାଣକାରୀ । ଧରା ପଡିଲେ ତିନି ମହିଳା ସୁନା ତସ୍କର । ପଶ୍ଚିମବଙ୍ଗର ନଦୀଆ ଜିଲ୍ଲାରେ ବିଏସଏଫ ଯବାନମାନେ ସୀମା ଆଉଟପୋଷ୍ଟ ଗେଟ୍‌ରେ ୩୨ ବାଟାଲିୟନ ଇଣ୍ଟେଲିଜେନ୍ସରୁ ଏକ ଟିପ୍ ଅଫ୍ ଆଧାରରେ ସ୍ୱତନ୍ତ୍ର ଅପରେସନ୍ କରିଥିଲେ । ଜବତ ସୁନାର ଓଜନ ୭ କିଲୋ ବୋଲି ଜଣାପଡିଛି । ବିଏସ୍ଏଫଙ୍କୁ ଏକ ସୁନା ଚୋରା ଚାଲାଣକାରୀଙ୍କୁ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ଏହାପରେ ଯବାନଙ୍କ ପକ୍ଷରୁ ସନ୍ଧାନ ଆରମ୍ଭ ହୋଇଥିଲା । ଏହି ସମୟରେ ତିନି ଜଣ ମହିଳା ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଇଛି । ସୁନା ପଠାଇବାକୁ ଆସିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ବିଏସଏଫ ଧରିଛି । ସୁନା ଭାରତରୁ ବାଂଲାଦେଶକୁ ଚୋରା ଚାଲାଣ କରି କୋଲକାତା ଆଣିବାକୁ ଯୋଜନା ଥିଲା ।

## ଓଡ଼ିଶାର ଆଉ ୩ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**
୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାରେ ବାକି ଥିବା ୩ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ।




ଯାଜପୁର, କନ୍ଧମାଳ ଓ କଟକ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରିଛି । ଯାଜପୁରରୁ ରବିନ୍ଦ୍ର ନାରାୟଣ, କନ୍ଧମାଳରୁ ସୁକାନ୍ତ କୁମାର ପାଣିଗ୍ରାହୀ ଓ କଟକରୁ ଲଢିବେ ଭର୍ତ୍ତୃହରି ମହତାବ। ତେବେ ଏହି ଲୋକସଭା ଆସନ ସହ ବିଜେପି ରାଜ୍ୟରେ ସମସ୍ତ ୨୧ ଲୋକସଭା ଆସନ ପାଇଁ ନିଜ ପ୍ରାର୍ଥୀ ଘୋଷଣା କରିସାରିଛି । ପୂର୍ବରୁ ବିଜେପି ଓଡ଼ିଶାର ୧୮ଟି ଲୋକସଭା ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା। ଏହି କ୍ରମରେ ବିଜେପି ସମ୍ବଲପୁର ପାଇଁ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ପାଇଁ ଅପରାଜିତା ଷଡ଼ଙ୍ଗୀ ଓ ବ୍ରହ୍ମପୁର ପାଇଁ ପ୍ରଦୀପ ପାଣିଗ୍ରାହୀଙ୍କୁ ଟିକେଟ୍ ଦେଇଛି ଦଳ । କେନ୍ଦ୍ରାପଡ଼ାରୁ ବୈଜୟନ୍ତ ପଣ୍ଡା, ଢେଙ୍କାନାଳରୁ ରୁଦ୍ର ନାରାୟଣ ପାଣି, ବାଲେଶ୍ୱରରୁ ପ୍ରତାପ ଷଡ଼ଙ୍ଗୀ, ବଲାଙ୍ଗୀରରୁ ସଂଗୀତା ସିଂହଦେଓ, ଜଗତସିଂହପୁରରୁ ବିଭୂ ପ୍ରସାଦ ତରାଇ, ବରଗଡ଼ରୁ ପ୍ରଦୀପ ପୁରୋହିତ, ସୁନ୍ଦରଗଡ଼ରୁ ଜୁଏଲ ଓରାମ, କେନ୍ଦୁଝରରୁ ଅନନ୍ତ ନାଏକ, ମୟୂରଭଞ୍ଜରୁ ନବଚରଣ ମାଝୀ, ଭଦ୍ରକରୁ ଅଭିମନ୍ୟୁ ସେଠୀ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ନବରଙ୍ଗପୁରରୁ ବଳଭଦ୍ର ମାଝୀ, ଆସିକାରୁ ଅନିତା ଶୁଭଦର୍ଶିନୀ, କୋରାପୁଟରୁ କାଳେରାମ ମାଝୀ ରହିଛନ୍ତି ବୋଲି ସୂଚନା ମିଳିଛି।

## ରାଜଧାନୀରେ ମାତିଛନ୍ତି ନିଶାଦିଆ ଲୁଟେରା

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**
ରାସ୍ତା ଉପରେ ମିଶନ, ଅଟୋରେ ଅପରେସନ୍ । ସଜା ଭୋଗିବା ପରେ ମଧ ଚେତିନାହିଁ ବୁଦ୍ଧିଆ । ପାରାଲିସିସ ଟାବଲେଟ ଦେଇ ଘାଇଲା କଲେ ଲୁଟେରା । ଜଣଙ୍କ ନାଁ ବୁଦ୍ଧିରାମ ସ୍ୱାଇଁ ଓରଫ ବୁଦ୍ଧିଆ ଓ ଅନ୍ୟ ଜଣଙ୍କ ନାଁ ଗୁଡୁ ନାୟକ ଓରଫ ମୁନା । କାମ, ଅଟୋରେ ଲିଫ୍ଟ ଦେବା ନାଁ ରେ ନିଶା ଦେଇ ଲୁଟିବା। ସବୁଦିନ ଭଳି ଦୁହେଁ ଆଚାର୍ଯ୍ୟବିହାର ଛକରେ ଜାଲ ବିଛାଇଥିବା ବେଳେ ଫଶିଯାଇଥିଲେ ଆଠଗଡ଼ ତିଗିରିଆ ଅଞ୍ଚଳର ନରେଶ ସ୍ୱାଇଁ। ଲୁଟେରା ବାଟରେ ମୃଦ୍ୟୁ ପାନୀୟରେ ନିଶା ଟାବଲେଟ ମିଶାଇ ନରେଶଙ୍କ ଠାରୁ ଲୁଟିନେଇଥିଲେ ୪୨ ହଜାର ଟଙ୍କା ଓ ମୋବାଇଲ ।

## ସାଇବର ଠକଙ୍କ 'ନିର୍ବାଚନୀ' ଫାନ୍ଦ : ରାଜନୈତିକ ଦଳ ନାଁରେ ଲକି କୁପନ୍ ଅଫର

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**
ଆଗକୁ ସାଧାରଣ ନିର୍ବାଚନ। ଏହାର ଫାଇଦା ନେବାକୁ ସାଇବର ଠକ ଏବଂ କିଛି ଦଲାଲ ଲାଗିପଡ଼ିଛନ୍ତି। ସେମାନେ ସାମାଜିକ ଗଣମାଧ୍ୟମରେ ଠକେଇର ଜାଲ ବିଛାଇଛନ୍ତି। ଲୋକେ ସହଜରେ ସାମାଜିକ ଗଣମାଧ୍ୟମରେ ଏହି ଫେକ୍ ବିଜ୍ଞାପନର ଶିକାର ହେଉଛନ୍ତି। ଆଗକୁ ନିର୍ବାଚନ ଥିବାରୁ ସାଇବର ଠକ ଏହାର ଫାଇଦା ଉଠାଇବାକୁ ଯୋଜନା କରିଛନ୍ତି। ସେମାନେ ବିଭିନ୍ନ ଦଳ ନାମରେ ମନଲୋଭା କୁପନ୍ ଦେଉଛନ୍ତି। କେତେବେଳେ ଲିଙ୍କ୍ କ୍ଲିକ୍ କରି ତଥ୍ୟ ଦେଲେ ୨ଜିବି ଡାଟା ମିଳିବାର ଲୋଭ ଦେଖାଉଥିବା ବେଳେ ଆଉ କେତେବେଳେ ଦିଆଯାଇଥିବା ଲିଙ୍କ୍‌କୁ ଖୋଲି ନିଜର ତଥ୍ୟ ଦେଇ ଅନ୍ୟମାନଙ୍କ ନିକଟକୁ ପଠାଇଲେ ପୁରସ୍କାର ଜିତିବାର ଲୋଭ ଦେଖାଉଛନ୍ତି। ଏହି ଲୋଭରେ ପଡ଼ି ଲୋକେ ଲିଙ୍କ୍‌କୁ କ୍ଲିକ୍ କରି ନିଜର ତଥ୍ୟ ଦେବା ପରେ ଆକାଉଣ୍ଟ ଖାଲି ହୋଇଯାଉଛି। ଏଭଳି ଠକେଇ ମଧ୍ୟ ଏବେ କମିସନରେଟ୍ ପୁଲିସରେ ଦେଖିବାକୁ ମିଳୁଛି। ତେଣୁ ଏଭଳି ଅଭିନବ ଉପାୟରେ ଠକେଇ ହେଉଥିବାରୁ ପୁଲିସ ଲୋକଙ୍କୁ ସଚେତନ କରିଛି। ସୋସିଆଲ ମିଡିଆରେ ଦିଆଯାଉଥିବା



ବିଜ୍ଞାପନକୁ ବିଶ୍ୱାସକୁ ନ ନେବା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଏହି ଜାଲରେ ଯେଉଁମାନେ ପଡୁଛନ୍ତି ସେମାନେ ଠକେଇର ଶିକାର ହେଉଛନ୍ତି। ଯଦି ବିଜ୍ଞାପନ ଦେଖି ଯୋଗାଯୋଗ କରୁଛି, ଉକ୍ତ ସଂସ୍ଥା ବିଷୟରେ ସବୁ କିଛି ଜାଣିବା ପରେ ଟଙ୍କା ନେଣଦେଣ କରନ୍ତୁ ବୋଲି ପୁଲିସ କହିଛି। ଯଦି ଏଭଳି କେହି ଚାକିରି କିମ୍ବା ଅନ୍ୟ ବାହାନାରେ ଟଙ୍କା ମାଗୁଛନ୍ତି ପୁଲିସକୁ ଜଣାଇବାକୁ କୁହାଯାଇଛି।
ପ୍ରକାଶ ଥାଉ କି ଚାକିରି ଦେବା ଆଳରେ ଅଧିକାଂଶ ଠକେଇ ହେବା କିଛି ନୂଆକଥା ନୁହେଁ। ଠକମାନେ ଘରେ ବସି ଚାକିରି କରି ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରିବାର ବିଜ୍ଞାପନ ଦେଉଛନ୍ତି। ଏହି ବିଜ୍ଞାପନ ଦେଖି ବେକାର ଯୁବକଯୁବତୀ ଏହାକୁ ବିଶ୍ୱାସକୁ ନେଇ ଯୋଗାଯୋଗ କରୁଛନ୍ତି। ଫୋନ୍ ଯିବା ପରେ ସାଇବର ଠକ ତାଙ୍କ ହ୍ୱାଟ୍ସଆପ୍‌କୁ ଫେକ୍ ଡକ୍ୟୁମେଣ୍ଟ ସବୁ ପଠାଉଛି। ଏହି ଡକ୍ୟୁମେଣ୍ଟ ଦେଖି ଠକ ସଂସ୍ଥା ପ୍ରତି ବିଶ୍ୱାସ ହୋଇଯାଉଛି। ଏହାପରେ ଠକ ସେମାନଙ୍କୁ ଠକିବା ପାଇଁ ଯୋଜନା କରୁଛି। ପ୍ରଥମେ ସିକ୍ୟୁରିଟ୍ ଫିସ୍ ବାବଦକୁ ୨୦ ହଜାର ମାଗୁଛନ୍ତି। ଟଙ୍କା ଦେବା ପରେ ଠକ ପୁଣି ଆଉ ୨୦ ହଜାର ମାଗୁଛନ୍ତି। ଟଙ୍କା ନେବା ପରେ ନିଯୁକ୍ତିପତ୍ର ପାଇଁ ଆହୁରି ଟଙ୍କା ମାଗି ଆକାଉଣ୍ଟ ଚଳୁକରି ଦେଉଛନ୍ତି। ଗତ କିଛିଦିନ ହେଲା ରାଜଧାନୀରେ ଏହିଭଳି ଠକେଇ ସଂଖ୍ୟା ବଢ଼ିବାରେ ଲାଗିଛି। ସାଇବର ଥାନାରେ ଗତ ୫ ମାସରେ ୫୮ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସବୁ ଅଭିଯୋଗରେ ସମାନ ଢଙ୍ଗରେ ଠକେଇ ହୋଇଛି। ଏହି ଠକେଇ ପଛରେ ରାଜ୍ୟ ବାହାରର ସାଇବର ଠକଙ୍କ ସମ୍ପୃକ୍ତି ଜଣାପଡ଼ିଛି। ଯେଉଁଥି ପାଇଁ ପୁଲିସ ସେମାନଙ୍କୁ ଧରିବା ସହଜ ହେଉନି। ତେବେ ନିର୍ବାଚନକୁ ଥୋପ କରି ସାଇବର ଠକେଇ କରିବା ଏବେ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି।

## ସ୍ତ୍ରୀକୁ ଆଶ୍ରୟ ଦେବାରୁ ଶ୍ୱଶୁର ଜୀବନ ନେଲା ଜ୍ୱାଇଁ

**କୋରାପୁଟ/ଗଜପତି, ୩୧/୦୩ ନ୍ୟୁଜ ବ୍ୟୁରୋ**
ଶ୍ୱଶୁରଙ୍କୁ ହତ୍ୟା କଲା ଜ୍ୱାଇଁ । କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ବାସନାପୁଟ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ଝିଅକୁ ଘରେ ରଖିବାକୁ କେନ୍ଦ୍ର କରି ଶ୍ୱଶୁରଙ୍କୁ ଜ୍ୱାଇଁ ଛୁରାମାଡ କରି ହତ୍ୟା କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଫେରାର ଜ୍ୱାଇଁଙ୍କୁ ଖୋଜୁଛି ପୋଲିସ । ଅନ୍ୟପଟେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଅଞ୍ଚଳରେ ଆଉ ଏକ ହତ୍ୟା ଘଟଣା ସାମ୍ନାକୁ ଆସିଛି । ବିଲ ଭିତରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତଦେହ ପଡିଥିବାର ଦେଖିବାକୁ ମିଳିଛି । କେହି ତାଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅନ୍ତର୍ଗତ ବାସନାପୁଟ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗତକାଲି(ଶୁକ୍ରବାର) ବିଳମ୍ବିତ ରାତିରେ ଶ୍ୱଶୁରଙ୍କୁ ଜ୍ୱାଇଁ ହତ୍ୟା କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ବାସନାପୁଟ ଗ୍ରାମର ରାମଚନ୍ଦ୍ରଙ୍କ ଝିଅଙ୍କୁ ସାତୁ ପ୍ରସକା ବିବାହ କରିଥିଲେ । ରାମଚନ୍ଦ୍ରଙ୍କ ଝିଅ ଗର୍ଭବତୀ ଅବସ୍ଥାରେ କୌଣସି କାରଣରୁ ନିଜ ବାପଘରକୁ ଚାଲିଆସିଥିଲେ । ବାପା ଘରେ ଝିଅକୁ ଆଶ୍ରୟ ଦେଇଥିବା ବେଳେ ଏଥିରେ ଉତକ୍ଷିପ୍ତ ହୋଇ ଶ୍ୱଶୁରଙ୍କ ଉପରକୁ ଆକ୍ରମଣ କରିଥିଲେ ଜ୍ୱାଇଁ । ରାମଚନ୍ଦ୍ର ନିଜ ଜୀବନ ବଞ୍ଚାଇବାକୁ ପ୍ରାଣ ବିକଳରେ ଦୌଡି ପଳାଉଥିବା ବେଳେ ନିଜ ଘର ଠାରୁ ୫୦ ମିଟର ଦୂରରେ ତାଙ୍କ ମୃତଦେହ ପଡିଥିବାର ଲୋକେ ଦେଖିବାକୁ ପାଇଥିଲେ । ଅନ୍ୟପଟେ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛନ୍ତି । ଅଭିଯୁକ୍ତ ଜ୍ୱାଇଁ ଫେରାର ହୋଇଯାଇଥିବା ବେଳେ ପୋଲିସ ଖୋଜାଖୋଜି ଜାରି ରଖିଛି ।

## ବଢୁଛି ମଲ୍ଲୀ ଫୁଲର ଆଦର, କମିଛି ଉତ୍ପାଦନ



**ସୁବର୍ଣ୍ଣପୁର, ୩୧/୦୩ ନ୍ୟୁଜ ବ୍ୟୁରୋ**
ପ୍ରାକୃତିକ ନୈସର୍ଗିକ ଅପରୂପା ସୌନ୍ଦର୍ଯ୍ୟର ଅନନ୍ୟ ଗନ୍ତାଘର ହେଉଛି ସୁବର୍ଣ୍ଣପୁର । ଏହି ସହରଟି ନିଜର ନିଆରା କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ବେଶ ପରିଚିତ । ସୋନପୁର ଗଡଜାତର ପ୍ରତୀକ ମଲ୍ଲୀ ଫୁଲ । ଛୋଟିଆ ହେଲେ ବି ସୁବାସିତ ଏହି ଫୁଲଟି ସମସ୍ତଙ୍କର ଅତିପ୍ରିୟ । ଗ୍ରୀଷ୍ମର ଆରମ୍ଭରେ ବିଶେଷକରି ଚୈତ୍ର ମାସରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ବ୍ୟାପକ ପରିମାଣରେ ମଲ୍ଲୀ ଫୁଲ ଫୁଟୁଥିବା ବେଳେ ସହରରେ ଏହାର ଚାହିଦା ବି ବେଶ ଅଧିକ । ହେଲେ ଚାହିଦା ତୁଳନାରେ ଉତ୍ପାଦନ ହୋଇପାରୁନାହିଁ । ଏନେଇ ସରକାରୀ ସ୍ତରରେ ମଲ୍ଲୀଫୁଲ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହୋଇଛି ।
ଏହି ଗଡଜାତ ସହରରେ ଥିବା ଅଷ୍ଟୋତ୍ତର ୧୦୮ ମନ୍ଦିରରେ ଗ୍ରୀଷ୍ମରେ ଲୋଡ଼ା ହୁଏ ମଲ୍ଲୀ ଫୁଲ । ଶୈବ, ଶାକ୍ତ ,ବୈଷ୍ଣବ ,ନାଥ ତଥା ମହିମା ଧର୍ମର ଏହି ଭୂଖଣ୍ଡରେ ମଲ୍ଲୀ ଫୁଲ ପ୍ରତିଟି ମନ୍ଦିରରେ ଲାଗି ହୁଏ । ଜାତି ଜାତିକା ଫୁଲ ଭିତରେ ମହମହ ଚହଟଭରା ମଲ୍ଲୀ ଫୁଲର ଆଦର ସହରରେ ବେଶ ଅଧିକ । ବିଭିନ୍ନ ଦେବା ଦେବୀ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଫୁଲର ଆବଶ୍ୟକତା ପଡୁଥିବା ବେଳେ ମଲ୍ଲୀ ଫୁଲ କିନ୍ତୁ ସବୁ ଦେବାଦେବୀଙ୍କ ଆରାଧନାରେ ସମର୍ପିତ ହୋଇଥାଏ । ଏପରି କି ଏହି ଅଞ୍ଚଳର ଖିଆଲି ଓ ଶାନ୍ତି ପ୍ରିୟ ମଣିଷମାନଙ୍କ ସହିତ ଗୃହିଣୀମାନଙ୍କ ପାଖରେ ମଲ୍ଲୀଫୁଲର ଚାହିଦା ଅଧିକ । ଗଡଜାତ ଶାସନ ସମୟରେ ଦେବାଳୟ ଗୁଡିକୁ ଫୁଲ ଯୋଗାଇ ଦେବା ପାଇଁ ବ୍ୟାପକ ପରିମାଣରେ ମଲ୍ଲୀ ଫୁଲ ଚାଷ କରାଯାଉଥିଲା । ବଣ ମଲ୍ଲୀ, ଲତା ମଲ୍ଲୀ, ବସୁମତୀ ତଥା ଧରିତ୍ରୀ ଆଦି ବିଭିନ୍ନ ପ୍ରଜାତିର ମଲ୍ଲୀଫୁଲ ଏହି ଅଞ୍ଚଳରେ ଦେଖିବାକୁ ମିଳୁଥିଲା । ମାତ୍ର ଏବେ ବଜାରରେ ମଲ୍ଲୀଫୁଲ ମାଳଟିଏ ପାଇବା କଷ୍ଟ ହୋଇ ପଡୁଛି । ଶ୍ରଦ୍ଧାଳୁ ତଥା ଜନସାଧାରଣଙ୍କ ପାଖରେ ମଲ୍ଲୀଫୁଲର ଆଦର ଓ ଚାହିଦା ବଢିଛି କିନ୍ତୁ ଚାହିଦା ତୁଳନାରେ ଉତ୍ପାଦନ ହୋଇ ପାରୁ ନଥିବାରୁ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।

### ବିଜେପି ନିର୍ବାଚନ ସଭାରେ ରେଲୱେ କର୍ମଚାରୀ

## ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୩୧/୦୩ ନ୍ୟୁଜ ବ୍ୟୁରୋ**
ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ ବିଜେପିର ନିର୍ବାଚନ ସଭାରେ ରେଲୱେ କର୍ମଚାରୀ ସାମିଲ ହୋଇଛନ୍ତି। ଯାହାକୁ ନେଇ ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜୁ ଜନତା ଦଳ। ବିଜେପିର ନିର୍ବାଚନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଂପୃକ୍ତ ରେଳ ବିଭାଗ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି।
ବିଜେଡି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି, ଅମିତ ମଲ୍ଲିକ, ହରିଶ ଚୌଧୁରୀ, ପ୍ରିୟବ୍ରତ ମାଝି, ତୁମ୍ବନାଥ ପଣ୍ଡା ଏବଂ ଇପସିତା ସାହୁ ପ୍ରମୁଖ ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ ।
ସାଂସଦ ସସ୍ମିତ ପାତ୍ର କହିଛନ୍ତି, 'ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲୁ । ଦୁଇଦିନ ପୂର୍ବେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ବଡ଼ପୋଖରୀଆରେ ବିଜେପିର ଏକ ସଭା ହେଉଥିଲା । ଏଥିରେ ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ



ବିଜେପି ନେତା ପ୍ରଶାନ୍ତ ଗଜଦେବ ଉପସ୍ଥିତ ଥିଲେ । ଏହି ସଭାରେ ରେଳ ବିଭାଗର ତିନି ଜଣ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ରେଳ ବିଭାଗର ତିନି ଜଣ ଅଧିକାରୀ ବିଜେପିର ନିର୍ବାଚନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ଆଚରଣ ବିଧି ଉଲ୍ଲଂଘନ କରୁଛି । ସମ୍ପୃକ୍ତ ଅଧିକାରୀମାନେ ହେଲେ ଖୋର୍ଦ୍ଧା ଡିଭିଜନର ଟିଟିଆଇ ପ୍ରଭାକର ବରାଳ ଏବଂ ଏସ.ଆର. ପଟ୍ଟନାୟକ, ଖୋର୍ଦ୍ଧା ଡିଭିଜନ ଆଇଓଡବ୍ଲ୍ୟୁ ବି.ବି. ମହାନ୍ତି । ସେ କହିଛନ୍ତି, 'ଭାରତୀୟ ରେଳ ବିଭାଗର ବରିଷ୍ଠ ଅଧିକାରୀ ବିଜେପି ନିର୍ବାଚନୀ କାର୍ଯ୍ୟକ୍ରମରେ ସାମିଲ ହେବା ଦୁର୍ଭାଗ୍ୟର ବିଷୟ । ନିର୍ବାଚନ କମିଶନ ଏହାକୁ ଗୁରୁତ୍ୱର ସହ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆମର ବିଶ୍ୱାସ ରହିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ବିଜେଡି ଅବାଧ ନିର୍ବାଚନ ଉପରେ ବିଶ୍ୱାସ କରେ । ଆମେ ଆଶା କରୁଛୁ ଭାରତ ସରକାରଙ୍କ ଅଧିକାରୀ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବାକୁ ନିର୍ବାଚନ କମିଶନ ବରଦାସ୍ତ କରିବେ ନାହିଁ ।

